ସାପ୍ତାହିକ

Postal Regd. No.: SBP/14/2025-2027

# ସ୍ୱୀକାର

The Sweekar स्वीकार

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା

RNI No. 66443/94

Vol.29 | Issue - 29 | 20 - 26 July 2025 | Sambalpur | Pages- 8 | Invitation Price Rs.10

## ହୀରାକୁଦ ପାଣି ସିଧାସଳଖ ବ୍ୟବହାର ଯୋଗ୍ୟ ନୁହେଁ!

ସମ୍ବଲପୁର : ଓଡ଼ିଶାରେ ପ୍ରବାହିତ ସବୁଠାରୁ ବଡ଼ ନଦୀ ମହାନଦୀ । ଛତିଶଗଡ଼ରୁ ଉତ୍ପତ୍ତି ଲାଭ କରିଥିବା ଏହି ନଦୀ ଓଡ଼ିଶାର ବିଭିନ୍ନ ଜିଲ୍ଲା ଦେଇ ପ୍ରବାହିତ ହୋଇ ବଙ୍ଗୋପସାଗରରେ ବିଲୀନ ହୋଇଛି । ଏହାର ଦୀର୍ଘଯାତ୍ରା ଓଡ଼ିଶାବାସୀଙ୍କ ପାଇଁ ବରଦାନ ସଦୃଶ । ଭାରତର ପ୍ରାଚୀନ ନଦୀ ମଧ୍ୟରୁ ମହାନଦୀ ଅନ୍ୟତମ । ପୁରାଣ ଇତିହାସରେ ମଧ ମହାନଦୀର ବର୍ଣ୍ଣନା କରାଯାଇଛି । 'ରାମାୟଣ', 'ମହାଭାରତ', ବିଷ୍ଣୁ ପୁରାଣ ଓ 'ଭାଗବତ' ଆଦି ଧର୍ମଗ୍ରନ୍ଥରେ ମହାନଦୀ ସଂପର୍କରେ ଉଲ୍ଲେଖ ଅଛି । ଗଙ୍ଗା ଭଳି ମହାନଦୀକୁ ମଧ ପବିତ୍ର ନଦୀ ଭାବରେ ବିବେଚନା କରାଯାଏ । ମହାନଦୀ ତଟରେ ରହିଛି ଅନେକ ଧର୍ମପୀଠ । ଓଡ଼ିଶାର ଜନଜୀବନ, ସଂସ୍କୃତି, ଆଧାତ୍ମିକତା ସହିତ ଗଭୀର ଭାବେ ଜଡିତ । ଲକ୍ଷ ଲକ୍ଷ ଲୋକଙ୍କୁ ଜୀବନ ଜୀବିକା ଯୋଗାଉଛି ଏହି ନଦୀ । ମହାନଦୀରୁ ଅନେକ କଳକାରଖାନାକୁ ଜଳ ଯୋଗାଣ ହେଉଛି । ପୁଣି ମହାନଦୀ ପାଣିରୁ ଚାଷ ଜମିକୁ ଜଳସେଚନ କରାଯାଉଛି । ଏହାକୁ ବିଚାରକୁ ନେଲେ ମହାନଦୀ ଓଡ଼ିଶାବାସୀଙ୍କ ପାଇଁ ଈଶ୍ୱରଙ୍କ ଏକ ଅମୂଲ୍ୟ ବରଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ଓଡ଼ିଶାର ଜୀବନରେଖା ମହାନଦୀ ଏବେ ବିପଦରେ । ୨୦୧୨ ରୁ ୨୦୧୭ ମସିହା ମଧରେ ହୋଇଥିବା ଗବେଷଣାରୁ ଜଣାପଡିଛି ଯେ, କୋଇଲା ଓ ତାର ଚାରିଆଡ଼େ ଗଢ଼ି ଉଠିଥିବା ତାପଜ ବିଦ୍ୟୁତ୍ କେନ୍ଦ୍ର ତଥା ଅନ୍ୟାନ୍ୟ କଳକାରଖାନା ପାଇଁ ମହାନଦୀ ଆଜି ବିଶେଷ ଭାବେ ପ୍ରଦୂଷିତ । ଏହି ସବୁ କମ୍ପାନୀ ଗୁଡିକୁ ପାଣି ଯୋଗାଇବା ପାଇଁ ଛତିଶଗଡ଼ ଓ ଓଡ଼ିଶା ମହାନଦୀକୁ ଅବକ୍ଷୟ ମୁହଁକୁ ଠେଲି ଦେଇଛନ୍ତି । ସମ୍ବଲପୁର ଜିଲ୍ଲାର ପଣ୍ଡଲୋଇ ଠାରେ ଥିବା ଶ୍ୟାମ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡ୍ ହୀରାକୁଦ ଜଳ ଭଣ୍ଡାରର ପ୍ରାୟ ତିରିଶ ଏକର ଜମିରେ ବେଆଇନ ଭାବେ ଫ୍ଲାଏ ଆଶ୍ ପକେଇଥିବାର ମଧ ଦୃଷ୍ଟାନ୍ତ ରହିଛି ।

ବିଶ୍ୱର ଦୀର୍ଘତମ ନଦୀବନ୍ଧ ଯୋଜନା ହୀରାକୁଦ ଡ୍ୟାମର ପାଣି ଉଭୟ ଅଣମୌସୁମୀ ଓ ମୌସୁମୀ ଋତୁରେ ତାହା ସିଧାସଳଖ ବ୍ୟବହାର ଯୋଗ୍ୟ ନୁହେଁ । ଅଣମୌସୁମୀ ଋତୁରେ ପାଣିରେ ଗନ୍ଧକର ମାତ୍ରା ସର୍ବାଧିକ ରହୁଥିବା ବେଳେ ମୌସୁମୀ ଋତୁରେ ନାଇଟ୍ରେଟ୍‌ର ପରିମାଣ



ଆବଶ୍ୟକତା ଠାରୁ ଅଧିକ ରହୁଛି । ଜଳଭଣ୍ଡାର ପାଣିରେ ଅନିୟନ୍ତ୍ରିତ କୃଷିଭିତ୍ତିକ ଓ ଶିଳ୍ପଭିତ୍ତିକ ବର୍ଜ୍ୟ ମିଶିବା ହିଁ ପାଣିର ଉପାଦାନ ପ୍ରଭାବିତ ହେବାର ମୁଖ୍ୟ କାରଣ ବୋଲି ମୁଖ୍ୟମନ୍ତ୍ରୀ ଗବେଷଣା ଓ ଉଦ୍ଭାବନ ଯୋଜନା (ଏମ୍-ଆଇପି) ଅଧୀନରେ ହୋଇଥିବା ଗବେଷଣାରୁ ଏହି ତଥ୍ୟ ପଦାକୁ ଆସିଛି । ୨୦୨୦ ମସିହା ମାର୍ଚ୍ଚ ମାସରୁ ୨୦୨୩ ଫେବୃଆରି ଯାଏ ହୋଇଥିବା ଗବେଷଣା ଆଧାରରେ ଗତ ଅଗଷ୍ଟ ମାସ ଉପସ୍ଥାପିତ ତଥ୍ୟରେ ଉପରୋକ୍ତ ପ୍ରସଂଗ ଉଲ୍ଲେଖ ରହିଛି । ହୀରାକୁଦ ଜଳଭଣ୍ଡାର ଏହି ଅଞ୍ଚଳରେ ଉତ୍ସ ଜଳଭଣ୍ଡାର କୂଳରେ ବଡ଼ ବଡ଼ ଶିଳ୍ପାନୁଷ୍ଠାନ ଗଢ଼ି ଉଠିଥିବା ବେଳେ ସେଗୁଡ଼ିକରୁ ନିର୍ଗତ ବର୍ଜ୍ୟ ଜଳ ପାଣିରେ ମିଶୁଛି । ସେହିପରି ମହାନଦୀ ଉପର ମୁଣ୍ଡରୁ ନେଇ ଜଳ ଭଣ୍ଡାର ଯାଏ ନଈକୂଳରେ କୀଟନାଶକର ଅବଶେଷ ମଧ ଏହି ପାଣିରେ ମିଶୁଛି । ରହିଥିବା ଚାଷ ଜମିରୁ ନାଇଟ୍ରୋଜେନ୍ ଯୁକ୍ତ ସାର ଓ ଯଦ୍ୱାରା ଜଳଭଣ୍ଡାରର ପଟୁରେ ଭାରୀ ଧାତୁ ଜମା ହୋଇ ରହୁଛି । ଯାହା ଫଳରେ ଏଠାରୁ ମାଛବଂଶ ଲୋପ ପାଇବାକୁ ବସିଲେଣି । ଏହା କେବଳ ଯେ ମଣିଷ ନୁହେଁ, ସମଗ୍ର ଜୈବ ବିବିଧତା ପାଇଁ ବିପଦ ସୃଷ୍ଟି କରିଛି । ସେପଟେ, ଜଳଭଣ୍ଡାରର ପାଣିରେ ମଧ ଋତୁ ଅନୁସାରେ ବିଭିନ୍ନ ଉପାଦାନର ପରିବର୍ତ୍ତନ ଦେଖିବାକୁ ମିଳିଛି । ମୌସୁମୀ ପୂର୍ବରୁ ଏହାର ୧ ଲିଟର ପାଣିରେ ୩.୮ ମିଲିଗ୍ରାମ ଅମ୍ଳଜାନ ରହୁଥିବା ବେଳେ ମୌସୁମୀ ଋତୁରେ ଏହାର ପରିମାଣ ୬.୨ ମିଲିଗ୍ରାମକୁ ବୃଦ୍ଧି ପାଉଛି । ତେବେ ପରବର୍ତ୍ତୀ ସ୍ଥିତିରେ ଜଳଭଣ୍ଡାରର ପାଣିରେ ଲିଟର ପିଛା ୧୨.୭ ମିଲିଗ୍ରାମ୍ ନାଇଟ୍ରେଟ୍ ଓ ମୌସୁମୀ ପୂର୍ବବର୍ତ୍ତୀ ସ୍ଥିତିରେ ଲିଟର ପିଛା ୪.୧୭ ମିଲିଗ୍ରାମ ଫସ୍‌ଫେଟ୍ ରହିଥିବା ଦେଖିବାକୁ ମିଳିଛି । ମୌସୁମୀ ପୂର୍ବବର୍ତ୍ତୀ ସ୍ଥିତିରେ ଜଳଭଣ୍ଡାର ପାଣିରେ ଅଧିକ ପରିମାଣର ସାଇନୋବାକ୍ଟେରିଆ ରହୁଥିବାରୁ ପାଣିର ମାନ ନିମ୍ନଗାମୀ ହେବା ସହ ଜଳ ଭଣ୍ଡାରର ଜୈବ ବିବିଧତା ବିଗୁଡୁଥିବା ରିପୋର୍ଟରେ ଦର୍ଶାଯାଇଛି ।

ସେହିପରି ହୀରାକୁଦ ଆର୍ଦ୍ରଭୂମିରେ ଜମା ହେଉଥିବା ପଟୁରେ ମାତ୍ରାଧିକ ବିପଜ୍ଜନକ ଭାରୀ ଧାତୁ ଥିବା ଗବେଷଣାରୁ ଜଣାପଡ଼ିଛି । ସର୍ବେକ୍ଷଣରୁ ମିଳିଥିବା ତଥ୍ୟ ଅନୁଯାୟୀ ହୀରାକୁଦରେ ଜମିଥିବା ପ୍ରତି ଗ୍ରାମ୍ ପଟୁରେ ୫୧.୨୫ ମାଇକ୍ରୋଗ୍ରାମ୍ ପର୍ଯ୍ୟନ୍ତ ସୀସା ଏବଂ ୨୬୬ ମାଇକ୍ରୋଗ୍ରାମ ଯାଏ କ୍ରୋମିୟମ୍ ଭଳି ଧାତବ କଣିକା ଠାବ କରାଯାଇଛି । ଏହା ନିର୍ଦ୍ଧାରିତ ମାନକଠାରୁ ପାଞ୍ଚ ଗୁଣା ଅଧିକ । ଏଭଳି କ୍ଷତିକାରକ ଧାତବ କଣିକା ଖାଦ୍ୟ ଶୃଙ୍ଖଳକୁ ପ୍ରଭାବିତ କରିଥାଏ । 'କାର୍ସିନୋଜେନିକ ଇଫେକ୍ଟସ୍' ବା କର୍କଟ ଭଳି ମାରାତ୍ମକ ରୋଗ ସୃଷ୍ଟିର ପ୍ରମୁଖ କାରଣ ମଧ ସାଜିପାରେ । ସାଇଣ୍ଟିକ ରିପୋର୍ଟସକୁ ଆଧାର କରି ଏଭଳି ତଥ୍ୟ ପ୍ରକାଶ ପାଇଛି ।

ସାଧାରଣ ଭାବେ ଏକ ଗ୍ରାମ୍ ପାଣି କିମ୍ବା ପଟୁରେ ୧୦ ମାଇକ୍ରୋଗ୍ରାମ୍ ସୀସା ଓ ୫୦ ମାଇକ୍ରୋଗ୍ରାମ୍ ପର୍ଯ୍ୟନ୍ତ କ୍ରୋମିୟମ ରହିଲେ ତାହା ଚଳନୀୟ । ହେଲେ ହୀରାକୁଦ ଆର୍ଦ୍ରଭୂମିରେ ଏହା ୫ ଗୁଣା ବଢ଼ିଗଲାଣି । କେବଳ ଏତିକି ନୁହେଁ । କାଡ୍‌ମିୟମ, କପର, ମରକ୍ୟୁରି, ନିକେଲ, ଦସ୍ତା, ମାଙ୍ଗାନିଜ, ଆର୍ସେନିକ ଭଳି ପ୍ରଦୂଷଣକାରୀ ଭାରୀଧାତୁ ମଧ ଆର୍ଦ୍ରଭୂମିକୁ ପ୍ରଦୂଷିତ କରିବାରେ ଲାଗିଛି । ଗବେଷଣାରୁ ଜଣାପଡ଼ିଛି, ଏହା ସିଧା ସଳଖ ମଣିଷ ଶରୀରକୁ ଭିତରକୁ ସିନା ପ୍ରବେଶ କରିବନି । ମାତ୍ର ଏହି ଆର୍ଦ୍ରଭୂମିରୁ ଧରା ହେଉଥିବା ମାଛ, ଚାଷ ହେଉଥିବା ଧାନ ଓ ପନିପରିବାରୁ ମଣିଷ ଶରୀରକୁ ଯାଇଥାଏ । କେବଳ ହୀରାକୁଦ ନୁହେଁ, ଓଡ଼ିଶାର ୮ଟି ଆର୍ଦ୍ରଭୂମିରୁ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା । ହୀରାକୁଦ ପରେ ତାଳଚେର, ଟିଟିଲାଗଡ଼ ଓ ଭଦ୍ରକ ଆର୍ଦ୍ରଭୂମି ପ୍ରତି ବିପଦ ବଢ଼ିଛି । ଭଦ୍ରକ ଆର୍ଦ୍ରଭୂମିରେ ପ୍ରତି ଗ୍ରାମରୁ ୩୪.୨୭ ମାଇକ୍ରୋଗ୍ରାମ କପର୍ ବାହାରୁଛି । ହୀରାକୁଦ ଉପରମୁଣ୍ଡ ଛତିଶଗଡ଼ ସମେତ ଓଡ଼ିଶାର ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଜିଲ୍ଲାରେ ବ୍ୟାପକ ଖଣି ଖନନ, ଦ୍ରୁତ ଶିଳ୍ପାୟନ ଏବଂ ଖଣି ଜନିତ ପ୍ରଦୂଷଣର ପ୍ରଭାବ ସିଧାସଳଖ ଜଳଭଣ୍ଡାର ଉପରେ ପଡୁଛି । ଶିଳ୍ପାନୁଷ୍ଠାନର ବର୍ଜ୍ୟଜଳ ହୀରାକୁଦ ବନ୍ଧରେ ସୃଷ୍ଟି ହୋଇଥିବା ଫାଟ ଦେଇ ଜଳଭଣ୍ଡାରକୁ ପ୍ରବେଶ କରୁଛି ।

ଫଳରେ ପାଣି ବିଷାକ୍ତ ହେବାରେ ଲାଗିଛି । ଯଦିଓ ଓଡ଼ିଶାର ସମସ୍ତ ୮ ଆର୍ଦ୍ରଭୂମି ଅଞ୍ଚଳରେ ଏଭଳି ଭାରୀଧାତୁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି, ତଥାପି ସର୍ବାଧିକ ଇକୋଲୋଜିକାଲ୍ ରିସ୍କ ଇଣ୍ଡେକ୍ସ (ଆଇଆର୍‌ଆଇ) ହୀରାକୁଦରେ ଦେଖାଯାଇଛି । ହୀରାକୁଦ ଜଳଭଣ୍ଡାର ଉପରେ ହଜାର ହଜାର ମତ୍ସ୍ୟଜୀବୀ ପରିବାର ନିର୍ଭରଶୀଳ । ଜଳଭଣ୍ଡାର ଜଳ ଚାଷକାର୍ଯ୍ୟରେ ବ୍ୟବହୃତ ହେଉଛି । ଜଳଭଣ୍ଡାରର ମାଛ ଏବଂ ଜଳଭଣ୍ଡାର ଜଳ ମାଡୁଥିବା ଜମିରୁ ଉତ୍ପାଦିତ ଶସ୍ୟ, ପରିବାକୁ ଲୋକେ ସିଧାସଳଖ ଖାଦ୍ୟ ଭାବେ ଗ୍ରହଣ କରୁଛନ୍ତି । ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଏବଂ ବରଗଡ଼ ଜିଲ୍ଲାରେ ହୀରାକୁଦ ଜଳକୁ ପାନୀୟ ରୂପେ ବ୍ୟବହାର କରାଯାଉଛି । ଖାଦ୍ୟଶସ୍ୟ ହେଉ କି ପାନୀୟ, ଏସବୁ କ୍ଷତିକାରକ ଧାତବ କଣିକା ବିଭିନ୍ନ ମାଧ୍ୟମରେ ମଣିଷ ଶରୀରରେ ପ୍ରବେଶ କରି ଜଟିଳ ସ୍ୱାସ୍ଥ୍ୟଗତ ସଙ୍କଟ ସୃଷ୍ଟି କରୁଛି । ଖାଦ୍ୟ ଶୃଙ୍ଖଳକୁ ପ୍ରଭାବିତ କରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁ ନାହିଁ । ଏହାର ପ୍ରଭାବ ଉପରେ ଅଧିକ ଗବେଷଣା ଜାରି ରହିଛି । ହୀରାକୁଦ ଆର୍ଦ୍ରଭୂମିରେ ମାତ୍ରାଧିକ ସୀସା ଏବଂ କ୍ରୋମିୟମ୍ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବ ବୋଲି ରିପୋର୍ଟରେ ସତର୍କ କରାଯାଇଛି । ଓଡ଼ିଶାର ଜୀବନରେଖା ମହାନଦୀର ବିସ୍ତୀର୍ଣ୍ଣ ଭାଗ ହୀରାକୁଦ ବନ୍ଧର ଉପରମୁଣ୍ଡରେ ରହିଛି । ଏଥିପ୍ରତି ସତର୍କ ନ ହେଲେ କିମ୍ବା ପ୍ରତିକାର କରା ନ ଗଲେ ଆଗାମୀ ଦିନରେ ବିଷମ ପରିସ୍ଥିତି ଉପୁଜିବ ବୋଲି ଆଶଙ୍କା ଦେଖା ଦେଇଛି ।

## ପ୍ରଦୂଷଣ ବଳୟରେ ଝାରସୁଗୁଡ଼ା: ହେଲାଣି 'ଖାରସୁଗୁଡ଼ା'

ଝାରସୁଗୁଡ଼ା: ରାଜ୍ୟରେ ବିଜେଡି ସରକାର କ୍ଷମତାଚ୍ୟୁତ୍ ହୋଇ ବିଜେପି ସରକାର କ୍ଷମତାସୀନ ହେବାପରେ ଝାରସୁଗୁଡ଼ାବାସୀ ପ୍ରଦୂଷଣରୁ ନିସ୍ତାର ପାଇବେ ବୋଲି ଯେଉଁ ଆଶା ରଖିଥିଲେ ତାହା ନିରାଶାରେ ପରିଣତ ହୋଇଛି । କାରଖାନାମାନଙ୍କରୁ ଆଗରୁ ଯେପରି ଧୂଆଁ ବାହାରୁଥିଲା ସେହିପରି ବାହାରୁଛି । ନଦୀନାଳ ମାନଙ୍କରେ କାରଖାନାମାନଙ୍କର ବର୍ଜ୍ୟବସ୍ତୁ ପଡିବାରେ ଲାଗିଛି । ସେହିପରି ଫ୍ଲାଏଆସ୍ ବେଆଇନ ଭାବେ ଇତସ୍ତତଃ ପକାଇ ଦିଆଯାଉଛି । ତେବେ ବିସ୍ମୟର କଥା ଯେ, ଏହା ପ୍ରଶାସକ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କି ରାଜନୈତିକ ନେତାମାନଙ୍କର ଦୃଷ୍ଟିରେ ପଡୁନାହିଁ । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ କେତେକ ନେତା ଫ୍ଲାଏଆସ୍ ପରିଚାଳନା ନେଇ କରିଥିବା ତୁମ୍ବି ତୋଫାନ୍ 'ପର୍ବତର ମୂଷିକ ପ୍ରସବ' ସଦୃଶ ହୋଇଛି । ପାଉଁଶ ବ୍ୟବସାୟ ରାଜନୈତିକ ନେତାମାନଙ୍କର ଆୟର ମୁଖ୍ୟସ୍ରୋତ ପାଲଟିଛି । ଫଳରେ ଝାରସୁଗୁଡ଼ାବାସୀ ପୂର୍ବରୁ ଯେପରି ପ୍ରଦୂଷଣର ଶିକାର ହେଉଥିଲେ ବର୍ତ୍ତମାନ ମଧ ହେଉଛନ୍ତି ।

ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ଥିବା ବଡ଼ ବଡ଼ ଶିଳ୍ପାନୁଷ୍ଠାନମାନେ ପ୍ରଦୂଷଣ ନିୟନ୍ତ୍ରଣ ଆଇନର ଖୋଲାଖୋଲି ଉଲ୍ଲଂଘନ କରୁଥିଲେ ମଧ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତାର ପ୍ରତିକାର ପାଇଁ ସେମାନଙ୍କ ଉପରେ ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନାହିଁ । ଶିଳ୍ପାନୁଷ୍ଠାନର ମାଲିକମାନଙ୍କର ହାତ ଏତେ ଲମ୍ବା ଯେ, ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କଲେ ତାକୁ ରୋକିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥା ପ୍ରଶାସନିକ ଅଧିକାରୀମାନଙ୍କ ଉପରେ ରାଜନୈତିକ ଚାପ ଦେଇ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ବନ୍ଦ କରିବା ପାଇଁ ସକ୍ଷମ ହେଉଛନ୍ତି । ନିକଟରେ ସମ୍ବଲପୁର ଜିଲ୍ଲାରେ ଦୁଇଟି କାରଖାନା ବିରୋଧରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ କାର୍ଯ୍ୟାନୁଷ୍ଠାନ ନିଆଯିବା ପରେ ପରେ ଉପରମହଲରୁ ତାକୁ ପ୍ରତ୍ୟାହାର କରିନେବା ପାଇଁ ଚାପ ପଡିବାରୁ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିଲା ନାହିଁ । ଫଳରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଅଧିକାରୀମାନେ ବାଧ ହୋଇ 'ସାପ ନ ମରୁ କି ବାଡି ନ ଭାଙ୍ଗୁ' ନୀତି ଅବଲମ୍ବନ କରି ତାର ଫାଇଦା ଉଠାଇବାକୁ ଶ୍ରେୟ ମଣୁଛନ୍ତି । ରାଜ୍ୟରେ ବସ୍ତୁତଃ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ 'ବିଷହୀନ ସାପ' ପାଲଟିଛି ।

ପାଉଁଶ ପରିବହନ ଏବଂ ଡମ୍ପିଂ ପାଇଁ ସରକାରୀ ନିୟମ ରହିଛି । ଯେଉଁ ସ୍ଥାନରେ ପାଉଁଶ ପଡ଼ିବ, ତା' ପାଇଁ ସରକାରୀ ଅନୁମତି ଆବଶ୍ୟକ । ପ୍ରଦୂଷଣ ବିଭାଗ ଯାଞ୍ଚ ପରେ ଅନୁମତି ମିଳିଥାଏ । ଅନୁମତି ମିଳିଥିବା ସ୍ଥାନକୁ ପ୍ରଥମେ ଗାତ କରାଯିବ, ତା'ର ତଳ ଭାଗରେ ପଲିଥିନ ବିଛାଇ ଉପରେ ବିଷାକ୍ତ ପାଉଁଶଗୁଣ୍ଡ ପକାଯିବ । ଶେଷରେ ଗାତ ଭର୍ତ୍ତି ହେବାପରେ ପାଉଁଶ ଉପରେ ମାଟି ପକାଇ ସମାନ କରାଯିବ । କିନ୍ତୁ ପରିବହନ ଠିକାଦାର ଏହି ନିୟମ ପାଳନ କରୁନାହାନ୍ତି । କାରଣ ଏହି ନିୟମ ପାଳନ କଲେ ଅଧିକ ଖର୍ଚ୍ଚ କରିବାକୁ ପଡିବ । ତେଣୁ ରାସ୍ତା କଡ ସରକାରୀ ଜମି, ଜଙ୍ଗଲ ଜମି ଉପରେ ପାଉଁଶ ଡମ୍ପିଂ କରିବାକୁ ସେମାନେ ଉଚିତ ମଣୁଛନ୍ତି । ଲୋକେ ବିରୋଧ କରିବା ଆଶଙ୍କା ଥିବାରୁ ପରିବହନ ଠିକାଦାରମାନେ ରାତିଅଧିଆ ଏହି ପାଉଁଶ ଡମ୍ପ କରୁଛନ୍ତି । ଏ ସମ୍ପର୍କରେ ରାଜସ୍ୱ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ସବୁ ଜାଣି ମଧ ଚୁପ୍ ରହୁଛନ୍ତି । ଶିଳ୍ପ ଅଧିକାରୀ,



ସରକାରୀ ବିଭାଗୀୟ ଅଧିକାରୀ ଏବଂ ପରିବହନ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଏସବୁ ବେନିୟମ କାମ ଚାଲୁଥିବା ବାରମ୍ବାର ଅଭିଯୋଗ ହେଉଛି ।

୪୯ ନମ୍ବର ଜାତୀୟ ରାଜପଥର ଏଚ୍. କଟାପାଲି ସ୍ଥିତ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ ଜମିରେ ହେଉ ବା ବିଜୁ ଏକ୍ସପ୍ରେସ୍-ୱେ କଡ଼ରେ ହେଉ, ମନଇଚ୍ଛା ପାଉଁଶ ଡମ୍ପିଂ କରାଯାଉ ଥିଲା । ଏମିତିକି, ଝାରସୁଗୁଡ଼ାରେ ଆଉ ପାଉଁଶ ପକାଇବାକୁ ଜାଗା ନ ଥିବାରୁ ଏଠାରୁ ପଡ଼ୋଶୀ ଜିଲ୍ଲା ସମ୍ବଲପୁର, ବରଗଡ଼ ଓ ବଲାଙ୍ଗୀରକୁ ମଧ ପାଉଁଶ ଚାଲାଣ କରାଯାଉଥିବା ଜଣାପଡ଼ିଛି । ତେବେ, ସମ୍ବଲପୁର, ବରଗଡ଼, ବଲାଙ୍ଗୀର ଆଦି ସ୍ଥାନକୁ ପାଉଁଶ ନେଇ ଫିଙ୍ଗିବା ବ୍ୟୟ ବହୁଳ ହୋଇଥିବାରୁ ରାତିଅଧିଆ ରାସ୍ତା କଡ଼ରେ ପାଉଁଶ ଭର୍ତ୍ତି ହାଇୱାକୁ ଖାଲି କରିଦିଆଯାଉଥିବା ଅଭିଯୋଗ ହେଉଛି । ଫଳରେ ସାମାନ୍ୟ ପବନରେ ବି ପାଉଁଶ ଉଡ଼ି ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ପଡ଼ିବା ସହିତ ସେମାନଙ୍କ ଶ୍ୱାସକ୍ରିୟା ଯୋଗେ ଶରୀର ଭିତରକୁ ପ୍ରବେଶ କରୁଛି ।

ଏନ.ଏନ୍. ୪୯ ତିଆରି ପାଇଁ ଜମା ହେଇଥିବା ହଜାର ହଜାର ଟନ୍ ଫ୍ଲାଏଆସ୍ ନିକଟରେ ବର୍ଷା ଯୋଗୁଁ ଚାଷ ଜମିରେ ମାଡି ଯାଇଥିଲା । ଏନ.ଏନ୍. ୪୯ ଇବ୍ ପୋଲ ପାଖରେ ଫ୍ଲାଏ ଆସ୍ ମାଡିଯିବାରୁ ବହୁ ଚାଷ ଜମି, ପୋଖରୀ ଏବଂ ଘରବାଡି କ୍ଷତିଗ୍ରସ୍ତ ହୋଇଛି । ଝାରସୁଗୁଡ଼ା ଜିଲ୍ଲାର ଦୁର୍ଲଗା, ତାଳପଟିଆ, ଅର୍ଡା, ବନପାଲି, ସିଆଳରମା ଆଉ କେଲେଣ୍ଡାମାଳରେ ବହୁ ଚାଷଜମିରେ ଫ୍ଲାଏ ଆସ୍ ମାଡି କ୍ଷତିଗ୍ରସ୍ତ ହୋଇଛି । ସେହିପରି କେଲେଣ୍ଡାମାଳର ଫ୍ଲାଏ ଆସ୍ ଭିତରେ ଗୋଟିଏ ଗାଈ ଫସି ଯାଇଥିବା ବେଳେ ଲଖନପୁର ବ୍ଲକ ରମ୍ପେଲା ପଞ୍ଚାୟତ ତାଲବେର୍ଣ୍ଣା ଓ ରମ୍ପେଲା ସେତୁ ମଝିରେ ଫ୍ଲାଇଆସ୍ ଭିତରେ ମଧ ଅନ୍ୟ ଏକ ଗାଈ ଫସି ଯାଇଥିଲା ।

ଗୁରୁତ୍ୱପୂର୍ଣ୍ଣ ହେଉଛି, ଏହି ବେଆଇନ ପାଉଁଶ ଡମ୍ପିଂ ଯୋଗୁଁ କେବଳ ଯେ ମୃତ୍ତିକା ପ୍ରଦୂଷଣ ହେଉଛି ତାହା ନୁହେଁ, ବରଂ ଜଳ ଓ ବାୟୁ ପ୍ରଦୂଷଣ ମଧ ହେଉଛି । ସାଧାରଣତଃ ଶ୍ୱାସକ୍ରିୟା ପାଇଁ ବ୍ୟବହାରଯୋଗ୍ୟ ବାୟୁରେ ପିଏମ୍ ୨.୫ ସ୍ତରର ପ୍ରଦୂଷଣର ମାତ୍ରା ପ୍ରତି ଘନମିଟର ପିଛା ୨୫ ମାଇକ୍ରୋଗ୍ରାମ୍ ରହିବା କଥା ଝାରସୁଗୁଡ଼ାରେ ଏହି ପ୍ରଦୂଷଣର ମାତ୍ରା ପାଖାପାଖି ୩ ଗୁଣା ଅର୍ଥାତ୍ ୭୧ ମାଇକ୍ରୋଗ୍ରାମ୍ ରହିଛି । ଅର୍ଥାତ୍ ଏହି ବାୟୁକୁ ସିଧାସଳଖ ଭାବେ ଶ୍ୱାସକ୍ରିୟାରେ ଗ୍ରହଣ କରିବା ଦୈନିକ ୩ଟି ସିଗାରେଟ୍ ଟାଣିବା ସହ ସମାନ । ଏହି ପାଉଁଶମିଶା ବାୟୁ ଯେ ମନୁଷ୍ୟ ଶରୀର ଭିତରେ କେବଳ କ୍ଷତି କରୁଛି ତାହା ନୁହେଁ, ବରଂ ଆସ୍ ପରିବହନ ହେଉଥିବା ରୁଟ୍‌ରେ ରହୁଥିବା ଲୋକେ ଚର୍ମରୋଗରେ ଆକ୍ରାନ୍ତ ହେଉଥିବା ନେଇ ବି ଅଭିଯୋଗ ସାମ୍ନାକୁ ଆସୁଛି । ଝାରସୁଗୁଡ଼ାର 'ଝାର' ବା ଜଙ୍ଗଲ ପରିବର୍ତ୍ତେ ଏବେ କେବଳ 'ଖାର୍' ବା ପାଉଁଶ ଦେଖିବାକୁ ମିଳୁଥିବାରୁ ଲୋକେ ତାଚ୍ଛଲ୍ୟ କରି 'ଝାରସୁଗୁଡ଼ା'କୁ 'ଖାରସୁଗୁଡ଼ା' ବୋଲି ବି କହିବାକୁ ଲାଗିଲେଣି ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବେଦାନ୍ତ କାରଖାନାକୁ ବେଆଇନ ପାଉଁଶ ଡମ୍ପିଂ ଅଭିଯୋଗରେ ପ୍ରାୟ ୭୨ କୋଟି ଟଙ୍କା ଜରିମାନା କରିଥିଲେ ମଧ କମ୍ପାନୀ ତାହା ପଇଠ କରିବା ପରିବର୍ତ୍ତେ କୋର୍ଟର ଆଶ୍ରୟ ନେଇଥିବା ଜଣାପଡିଛି ।

# ସଂସ୍କୃତି ଭବନରେ ହଜିଯାଇଛି ସଂସ୍କୃତି

ସମ୍ବଲପୁର: ସମ୍ବଲପୁର ଜିଲ୍ଲାର ସଂସ୍କୃତି ଓ ସାଂସ୍କୃତିକ ଉତ୍ଥାନର ମୂଳପିଣ୍ଡ ଉଦ୍ଦେଶ୍ୟରେ ୧୦ବର୍ଷ ତଳେ ଜିଲ୍ଲାପାଳ କାର୍ଯ୍ୟାଳୟ ପଛପଟେ ନିର୍ମାଣ ହୋଇଥିଲା ସଂସ୍କୃତି ଭବନ। କିନ୍ତୁ ଉଦ୍ଦେଶ୍ୟ ଦିଗହରା ହୋଇ ଯାଇଥିବା ବେଳେ ଏହି ଭବନ ସାହିତ୍ୟପ୍ରେମୀ, ଗବେଷକ, ଛାତ୍ରଛାତ୍ରୀଙ୍କ ଆକାଂକ୍ଷାକୁ ପୂରଣ କରିପାରୁ ନାହିଁ। କାରଣ ଏଠାରେ ବହୁ ମୂଲ୍ୟବାନ ଗ୍ରନ୍ଥ ଅସଜଡ଼ା ଅବସ୍ଥାରେ ରହିଛି। ଏଠାରେ ସ୍ଥାୟୀ ଅଧିକାରୀ ନାହାନ୍ତି। ତେଣୁ ଏହି ସଂସ୍କୃତି ଭବନ ତା'ର ଉଦ୍ଦେଶ୍ୟ ପୂରଣ କରିପାରି ନାହିଁ। ଓଡ଼ିଶା ସରକାର ସବୁବେଳେ ଓଡ଼ିଆ ଅସ୍ମିତା ଓ ସାଂସ୍କୃତିକ ଉତ୍ଥାନର ଦ୍ୱାହି ଦେଉଛନ୍ତି। କିନ୍ତୁ ସମ୍ବଲପୁରର ସଂସ୍କୃତି ଭବନରେ ସଂସ୍କୃତି ହଜି ଯାଇଥିବା ଭଳି ମନେ ହେଉଛି। କୋଠାଟି କ୍ରମେ ଫାଟି ଚାଲିଥିବା ବେଳେ ଏଠାରେ ଥିବା ବହୁ ମୂଲ୍ୟବାନ ବହି ଧୂଳି ଖାଉଛି। କୋଠାର ସିଲିଂ ଅନେକ ସ୍ଥାନରେ ଭାଙ୍ଗି ଯାଇଥିବା ବେଳେ ଚଟାଣ ମଧ୍ୟ ଅନେକ ସ୍ଥାନରେ ଫାଟି ଯାଇଛି। ଏହାର ମରାମତି କରାଯାଉ ନାହିଁ, ମାସ ମାସ ଜୟଦେବ ଜୟନ୍ତୀ ପାଳନ କରାଯାଇ ଥିବାରୁ ଅନେକଦିନ ପରେ ବାହାର ଅନାବନା ଘାସ ସଫା କରାଯିବା ସହ କୋଠାରେ ଝାଡୁ କରାଯାଇଥିଲା। ଏଠାରେ ଥିବା ଅନେକ ମୂଲ୍ୟବାନ୍ ପୁସ୍ତକ ଧୂଳି ଖାଉଛି। ରକ୍ଷଣାବେକ୍ଷଣ ଅଭାବରୁ ମୂଲ୍ୟବାନ ପୁସ୍ତକ ଗୁଡ଼ିକ ନଷ୍ଟହେବା ଆଶଙ୍କା ରହିଛି। ତାତ୍ତ୍ୱିକ ଆଲୋଚନା, ସାହିତ୍ୟ ସମାଲୋଚନା, ଓଡ଼ିଶା ଓ ଭାରତର ସଂସ୍କୃତିର ବିଭବ ଉପରେ ଉପାଦେୟ ୨ଲକ୍ଷ ଟଙ୍କାର ପୁସ୍ତକ ବାରଣ୍ଡାରେ ବନ୍ଧା ହୋଇ ପଡ଼ିଛି। ଅନେକ ବହିଗୁଡ଼ିକୁ ସଜାଡି ରଖାଯାଉ ନାହିଁ। ଆବଶ୍ୟକ ଆଲମିରା ଯୋଗାଇବାକୁ ମଧ୍ୟ ବିଭାଗକୁ ଅନୁରୋଧ କରାଯାଉ ନାହିଁ। ଏହାକୁ ନେଇ ସାହିତ୍ୟପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଉଛି।

## ଉନ୍ନୟନ ପ୍ରକଳ୍ପର ଶୁଭ ଦେଲେ ବିଧାୟକ

ଝାରସୁଗୁଡ଼ା : ବିଧାୟକ ଟଙ୍କଧର ତ୍ରିପାଠୀ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ସଦର ବ୍ଲକ ହିର୍ମା ପଞ୍ଚାୟତ ବନମିଲ ଠାରୁ କୁକୁର୍ଜଙ୍ଘା ଏବଂ ପତ୍ରାପାଲିରୁ ତୁମେରମୁଣ୍ଡା ରାସ୍ତା ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ ହୋଇଛି। ଉଭୟ ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ହେବ। ତୁମେରମୁଣ୍ଡା ସ୍କୁଲ ପାଚେରୀ, ଅଙ୍ଗନବାଡ଼ି ପାଚେରୀ ସହ ଶିବ ମନ୍ଦିରର ଉନ୍ନତିକରଣ ପାଇଁ ଶୁଭ



ଦେବା ସହ ଆଗାମୀ ଦିନରେ ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ବିଶେଷ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ ବିଧାୟକ ଶ୍ରୀ ତ୍ରିପାଠୀ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଏସ୍. ଛୁରିଆ, ପତ୍ରାପାଲି ସରପଞ୍ଚ ଖଗେଶ୍ୱର ନାଏକ, ଝାରସୁଗୁଡ଼ା ବ୍ଲକ ବିଜେପି ମଣ୍ଡଳ ସଭାପତି ହେମରଞ୍ଜନ ସିଂ, ବିଜେପି ନେତା ପ୍ରମୋଦ ତ୍ରିପାଠୀ, ମଦନ ବେହେରା, ଶଙ୍କର ଦେଓ, ଜୟପ୍ରକାଶ ପାତ୍ର ପ୍ରମୁଖଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟସେବା ପାଇଁ ଧନକଉଡ଼ା, ବିଶାଳଖଣ୍ଡା ଏସଏଚ୍‌ସି ସମ୍ମାନିତ

ସମ୍ବଲପୁର: କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଧନକଉଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଶାଳଖଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ମାନଜନକ ରାଷ୍ଟ୍ରୀୟ ଗୁଣବତ୍ତାସୂଚକ ମାନଦଣ୍ଡ ପ୍ରମାଣ ପତ୍ର ମିଳିଛି। ଜୁନ୍ ୨୦୨୦-୨୧ ତାରିଖରେ ଦୁଇଜଣିଆ ଜାତୀୟ ଦଳ ଡାକ୍ତର ରାଜେଶ ମିଶ୍ର ଓ ପ୍ରୀତିସଙ୍ଗୀତା ବାରା ଧନକଉଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ୧୨ ଟି ବିଭାଗର ତର୍ଜମା କରିଥିଲେ। ଏହି ଆକଳନ ସମୟରେ ଧନକଉଡ଼ା ଠାରେ ଡାକ୍ତର ଦିଲ୍ଲୀପ ମୁଦୁଲି, ଡାକ୍ତ ସୁନୀତା ମେଣ୍ଡୁଲି ଉପସ୍ଥିତ ଥିଲେ। ନଗର କାର୍ଯ୍ୟକ୍ରମ ପରିଚାଳନା ବିଭାଗ ତରଫରୁ ଅତିରିକ୍ତ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଶୋକ ଦାସ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ମୃତ୍ୟୁଞ୍ଜୟ ମୁଣ୍ଡ, ନଗର କାର୍ଯ୍ୟକ୍ରମ ପରିଚାଳକ ନିକୁ ରଞ୍ଜନ ପ୍ରତିହାରୀ, ଗୁଣବତ୍ତା ଅଧିକାରୀ ବୈଶାଳିନୀ ସାହୁ, ଅତିରିକ୍ତ କାର୍ଯ୍ୟକ୍ରମ ପରିଚାଳକ ମଳୟ ରଞ୍ଜନ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବା, ଔଷଧକେନ୍ଦ୍ର, ପାଥୋଲୋଜି, ଡ୍ରେସିଂରୁମ୍, ଫିଜିଓଥେରାପି, ଟୀକାକରଣ, ପରିବାର ନିୟୋଜନ ତଥା ପରିଷ୍କାର ପରିଚ୍ଛନ୍ନତା ଆଦି ତଦାରଖ କରିଥିଲେ। ଏହି ଆକଳନରେ ସର୍ବମୋଟ ୯୧% ଅଙ୍କ ରଖି ଧନକଉଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏହି ସମ୍ମାନଜନକ ଗୁଣବତ୍ତାସୂଚକ ମାନଦଣ୍ଡ ପୁରସ୍କାର ପାଇବା ପାଇଁ ହକଦାର ହୋଇଥିବା ବେଳେ ବିଶାଳଖଣ୍ଡା ଏସଏସିକୁ ୯୦.୪୫% ଅଙ୍କ ସହ ଗୁଣବତ୍ତାସୂଚକ ମାନଦଣ୍ଡ ପୁରସ୍କାର ପାଇବାରେ ସକ୍ଷମ ହୋଇଛି। ଏ ନେଇ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସଂଶୋଧନ କେନ୍ଦ୍ର (ଏନ୍‌ଏଚ୍‌ଏସ୍‌ଆରସି) ଉପଦେଷ୍ଟା ଜେ.ଏନ. ଶ୍ରୀବାସ୍ତବ ସୂଚନା ଦେଇଛନ୍ତି।

# ସୌମ୍ୟାଶ୍ରୀ ପାଇଁ

**ଡ.ସଙ୍ଗୀତା ନାଏକ ପୁରୋହିତ**

ନିର୍ମମ ନିଷ୍ଠୁର ଦୁର୍ଘଟଣା ଯାହା
ଘଟିଲା ତୁମ ଜୀବନେ
ସେ ସବୁକୁ ସିନା ବନ୍ଦ କରିବାର
କରା ହୁଅନ୍ତା ବନ୍ଦୋବସ୍ତ,
ବିରୋଧୀ ଦଳର, ଶାସନକଳର
କନ୍ଦଳ ନେଇ ବନ୍ଦ ଡାକରା
ସବୁଥର ପରି ସାର ହୁଏ ଖାଲି
ଜନଜୀବନର ଅଚଳ ଅବସ୍ଥା
ନୀରିହ ଜନତା ହେଉଛନ୍ତି
ହନ୍ତସନ୍ତ।
ଏତେ ଦରଦ ଓ ଦରଦୀ ଲୋକ
ଥାଉ ଥାଉ ସମାଜରେ
କିଭଳି ଘଟୁଛି ଅଘଟଣ ସବୁ
ଚିରକାଳ ଦୁନିଆଁରେ
କେହି ନୁହେଁ ଏଠି କାହାର ରେ ଭାଇ!
ସଭିଏଁ ସୁଯୋଗର ଅପେକ୍ଷାରେ।
କାଦୁଅ ଫିଙ୍କିବେ କିପରି, କାହାକୁ
ନିଜ ମଇଳା ହାତରେ,
ହାତ ଧୋଇ ଦିଅ, କଳଙ୍କ ଶୂନ୍ୟ
କର ତୁମ ପରିବେଶ
ଦେଖିବ ହସିବ ସୁନ୍ଦର ଧରା ଏ
ସୌମ୍ୟାଶ୍ରୀର ଦୀପଶିଖା ସବୁ
ହେବେ ନାହିଁ ନିର୍ବାପିତ,
ସେଇ ଆଲୋକରେ ଝଲସି ଉଠିବ
ସ୍ରଷ୍ଟାଙ୍କ ସୃଷ୍ଟିର ଛବି
ମନେ ହେବ ସରଗର।

**ମୋଦିପଡ଼ା, ସମ୍ବଲପୁର**
ଦୂରାଭାଷ-୭୯୭୮୭୪୬୧୨

# ଦୟାନନ୍ଦ ଶତପଥୀ ଜୟନ୍ତୀ ପାଳିତ




ସମ୍ବଲପୁର : ସ୍ୱାଧୀନତା ସଂଗ୍ରାମୀ ଦୟାନନ୍ଦ ଶତପଥୀଙ୍କ ଜୟନ୍ତୀ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଓ ସୋହେଲା କଲେଜର ଅବସରପ୍ରାପ୍ତ ଅଧକ୍ଷ ପ୍ରାଧ୍ୟାପକ ଟେକଚାନ୍ଦ ଦୁଆନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୟାନନ୍ଦ ଶତପଥୀଙ୍କ ସଂଘର୍ଷ ଓ ତ୍ୟାଗମୟ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଦୟାନନ୍ଦ ଶତପଥୀ ଜୟନ୍ତୀ ସ୍ମୃତିକମିଟିର ସମ୍ପାଦକ ପ୍ରଫୁଲ୍ଲ ହୋତା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସଂଗଠକ ରାଜେନ୍ଦ୍ର ନାୟକଙ୍କୁ 'ଦୟାନନ୍ଦ ଶତପଥୀ ସ୍ମୃତି ସମ୍ମାନ' ଦିଆଯାଇଥିଲା। ଡକ୍ଟର ଗୌରୀଦାସ ପ୍ରଧାନ ମାନପତ୍ର ପାଠ କରିଥିଲେ ଏବଂ ପ୍ରଶାନ୍ତ ପାଙ୍ଗଯୋଶୀ ଧନ୍ୟବାଦ ଦେଇଥିଲେ।

## ଭିଏସଏସ୍‌ୟୁଟିରେ ସ୍ୱାସ୍ଥ୍ୟ ଶିବିର

ବୁର୍ଲା: ଇଣ୍ଡିଆନ ଆସୋସିଏଶନ ଅଫ୍ ଡରମାଟୋଲୋଜିଷ୍ଟ ଭେନେରିଓଲୋଜିଷ୍ଟ ଆଣ୍ଡ ଲେପ୍ରୋଲୋଜିଷ୍ଟ (ଆଇଏଡିଭିଏଲ୍) ପକ୍ଷରୁ ସୁଇଟର ଏପିଜେ ଅବଦୁଲ କାଲାମ ଅଡିଟୋରିୟମରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଚର୍ମ, କେଶ, ନଖ ଏବଂ ଯୌନାଙ୍ଗ ସ୍ୱାସ୍ଥ୍ୟ ଉପରେ କିପରି ଧ୍ୟାନ ଦେବା ଜରୁରୀ ସେ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇଏଡିଭିଏଲର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ସୁଇଟ ନିର୍ଦ୍ଦେଶକ ଡକ୍ଟର ସୁଦର୍ଶନ ଜେନାଙ୍କ ତତ୍ତ୍ୱାବଧାନ ଓ ଭିମ୍‌ସାର୍‌ର ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମକୁ ଡକ୍ଟର ପ୍ରବୀର କୁମାର ସେଠୀ ପରିଚାଳନା କରିଥିଲେ। ଏଥିରେ ୧୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ କର୍ମଚାରୀ ଏଥିରେ ଯୋଗଦାନ କରିଥିଲେ। ପ୍ରଫେସର ନଳିନୀକାନ୍ତ ବଡ଼ପଣ୍ଡା ଭିମସାରର ଡାକ୍ତରମାନଙ୍କର ସହଯୋଗକୁ ପ୍ରଶଂସା କରିଥିଲେ।

## ବ୍ରହ୍ମାଣ୍ଡ ଗୋସାଇଁ

**ଶ୍ୟାମସୁନ୍ଦର ମିଶ୍ର**

ସୁନା କଳସିରେ ସ୍ନାହାନ କରିତା
ଜ୍ୱର ହୋଇଥିଲା ଯେଣୁ
ମୋଦକ ଖାଇଣ ଫୁଲରି ତେଲରେ
ଭଲ ହୋଇଥିଲ ଜାଣୁ... (୧)
ଘୋଷଯାତ୍ରା ସାରି ପୋଡ଼ପିଠା ଖାଇ
ସୁନା ବେଶରେ ସଜାଇ
ଦରଶନ ଦିଅ ଭକତ ମାନଙ୍କୁ
କେତେ ମନୋହର ହୋଇ .. (୨)
ଚାରିମାସ ଏବେ ବିଶ୍ରାମ କରିବ
ଦୁଃଖ ଜଣାଇବୁ କାହିଁ?
ଦାୟିତ୍ୱ କାହାକୁ ଦେଇଅଛ ଯଦି
ଆମ୍ଭଙ୍କୁ ତ ଦିଅ କହି... (୩)
ଧାଡିରେ ଲାଗିଣ ଗୁହାରି କରିବୁ
ତାଙ୍କ ଠାରେ ପୁଣି ଯାଇ
ଗୁହାରି ଶୁଣିବେ ଦୁଃଖ ଯେ ହରିବେ
ତୁମ ଆଜ୍ଞାମାଳ ପାଇ... (୪)
ନିଦ ନ ଭାଙ୍ଗିବୁ କେବେ ମହାପ୍ରଭୁ
ବିଶ୍ରାମ ଯେ କରୁଥାଅ
ଚକା ଆଖିରେ କି ପଲକ ପଡ଼ଇ
ଶୋଇ ସବୁ ଜାଣୁଥାଅ ... (୫)
ଶୁଭ କାମ ସବୁ ଆରମ୍ଭ ହୋଇବ
ନିଦରୁ ଜାଗିବ ଯେବେ
ସତେ ଦିନଯାଏ ଅନାଇ ବସିବୁ
ଲୀଳା କରୁଥାଅ ତୁମ୍ଭେ.. (୬)
ତୁମ୍ଭଲୀଳା ଖେଳା ଦେବେ ଅଗୋଚର
ବର୍ଣ୍ଣିକି ପାରିବି ମୁହିଁ
ଶ୍ୟାମ ସୁନ୍ଦରକୁ କୃପା କରିଥିବା
ଆହେ ବ୍ରହ୍ମାଣ୍ଡ ଗୋସାଇଁ.. (୭)

ଝାରସୁଗୁଡ଼ା

## ଶ୍ରାବଣରେ ଶିବ ଉପାସନା

ହିନ୍ଦୁ ପଞ୍ଜିକାରେ ପଞ୍ଚମ ମାସ ହେଉଛି ଶ୍ରାବଣ। ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ। ଏହିପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି। ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ। ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ୍ ପ୍ରିୟ। କୁହାଯାଏ, ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ ଓ ତପସ୍ୟା ବି କରିଥିଲେ। ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ।

ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଲା ଏବଂ ଏହି ତାପକୁ କମ୍ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳ ବର୍ଷା କଲେ ଓ ଏହଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା। ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ। ଏ ଦୃଷ୍ଟିରୁ ଏହା ହେଉଛି ଭଗବାନ ଶିବଙ୍କ ପ୍ରିୟ। ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି। ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି। ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ। ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର। ସୋମବାର ବ୍ରତ ରଖିବା ଉତ୍ତମ। ଶ୍ରାବଣ ମାସରେ ଶିବଲିଙ୍ଗରେ. କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ।

# ରାମାୟଣ ରହସ୍ୟର ଗୂଢ଼ବାଚନ



## ଡକ୍ଟର ପ୍ରମୋଦ କୁମାର ପଣ୍ଡା

ରାମାୟଣର ବିଷୟବସ୍ତୁ ଊଣାଅଧିକେ ସମସ୍ତଙ୍କୁ ଜଣା। ଓଡ଼ିଆନୁବାଦିତ ରାମାୟଣ ଗାଁଗଣ୍ଡାରେ ପାଠହୁଏ। ଲୋକେ ଶ୍ରଦ୍ଧାରେ ଶୁଣନ୍ତି। ସହରରେ ମଧ ରାମାୟଣାନୁରାଗୀ ଅଛନ୍ତି। ଭକ୍ତିରେ ପ୍ରବଚନ ଶୁଣନ୍ତି। ଗାଁ ହେଉ କିମ୍ବା ସହର ମହାକାବ୍ୟ ରାମାୟଣ ସବୁଠି ଆଦୃତ। ଲୋକଙ୍କ ଧାର୍ମିକ ଭାବନା ସହିତ ଓତଃପ୍ରୋତ ଭାବେ ଜଡ଼ିତ। ଲେଖକ, ନିର୍ଦ୍ଦେଶକ ଓ ନିର୍ମାତା ରମାନନ୍ଦ ସାଗରଙ୍କ ହିନ୍ଦୀ ଟେଲିଭିଜନ ଧାରାବାହିକ ରାମାୟଣ ଲୋକଙ୍କ ମନରେ ଅଭୁଲା ଛାପ ଛାଡ଼ିଛି। ପ୍ରସାରଣ ବେଳେ ଦୋକାନ ବଜାର ବନ୍ଦ, ରାସ୍ତାଘାଟ ଶୂନସାନ। ପାରିବାରିକ ଘଟଣାବଳୀ ଆଧାରିତ ମୂଲ୍ୟବୋଧ ଭିତ୍ତିକ ରାମାୟଣ ଘରେଘରେ ଲୋକପ୍ରିୟ। ପୁରେପୁରେ ପରିଚିତ। ତା'ରି ଭିତରେ ଅନେକ ରହସ୍ୟ ଲୁକ୍କାୟିତ, ଯାହାର ବିଶଦ ବିସ୍ତାର ଆବଶ୍ୟକ। ଅସମାହିତ ପ୍ରଶ୍ନର ସମାଧାନ ତର୍କାଧାର ବିଶ୍ଲେଷଣ ଦ୍ୱାରା ସମ୍ଭବ। ଆଲେଖ୍ୟଟି ଶାସ୍ତ୍ରାନୁମୋଦିତ ହୋଇ ନ ପାରେ। ହେଲେ, ସଂଶୟ ମୋଚନ ପାଇଁ ନିରାଧାର ଅଥବା ଅଯୌକ୍ତିକ ହେବନାହିଁ।

ରଘୁପତି ରାଘବଙ୍କ ଚଉଦ ବର୍ଷ ବନବାସର କାରଣ କଣ? କୈକେୟୀ ଯାଠୁ କମ କିମ୍ବା ଅଧିକ ଅବଧି ବନବାସର ବରଦାନ ରାଜା ଦଶରଥଙ୍କୁ ମାଗିଲେ ନାହିଁ କାହିଁକି? ରାବଣର ଦଶଗୋଟି ଶିର ତାର ମୃତ୍ୟୁର କାରଣ ହେଲା କିପରି? କେଉଁ ପରିସ୍ଥିତିରେ ହନୁମାନଙ୍କୁ ଛାତିଚିରି ସୀତାରାମଙ୍କୁ ତାଙ୍କ ହୃଦୟରେ ସଦାବସ୍ଥାନ କରନ୍ତି ବୋଲି ଦେଖେଇବାକୁ ପଡିଲା? ବନବାସରୁ ଫେରିବା ପରେ ମହାସତୀ ସୀତାଙ୍କୁ ଅଗ୍ନି ପରୀକ୍ଷା ଦେବାକୁ ପଡିଲା କାହିଁକି? ତ୍ରେତୟା ଯୁଗରେ କୌଣସି ବ୍ୟକ୍ତି ଯଦି ନିଜ ସମ୍ପତ୍ତିରୁ ଏକକାଳୀନ ଚଉଦ ବର୍ଷ ପର୍ଯ୍ୟନ୍ତ ବେଦଖଲ ରହିବ ତେବେ ସବୁଦିନ ପାଇଁ ସେହି ସମ୍ପତ୍ତିରୁ ତାର ଅଧିକାର ହରେଇବ। ସେ ରାଜା ହୁଅନ୍ତୁ କିମ୍ବା ପ୍ରଜା। ଜମିବାଡ଼ି ହେଉ କିମ୍ବା ରାଜସିଂହାସନ। ଦ୍ୱିତୀୟତଃ, ରାମଚନ୍ଦ୍ରଙ୍କୁ ଅଯୋଧାର ରାଜା ଘୋଷଣା କରିବା ପାଇଁ ମହାରାଜ ଦଶରଥ କୁଆଡେ ମହର୍ଷି ବଶିଷ୍ଠଙ୍କ ସହ ଚଉଦ ଦିନ ବିଚାରବିମର୍ଶ କରିଥିଲେ ଯାହା ରାଣୀ କୈକେୟୀଙ୍କ ପାଇଁ ଚଉଦ ବର୍ଷ ସଦୃଶ ଥିଲା। ତୃତୀୟତଃ ଚଉଦ ବର୍ଷ ବନବାସ ପରେ ଜୀବିତ ଫେରିବା ସେକାଳରେ ପ୍ରାୟ ଅସମ୍ଭବ ଥିଲା। ଚତୁର୍ଥତଃ, ରାମଚନ୍ଦ୍ରଙ୍କ ବନବାସ ଯିବା ଦିନଠୁ ରାବଣର ଆୟୁଷ ଚଉଦ ବର୍ଷ ଶେଷଥିବ। କୈକେୟୀଙ୍କୁ ବୋଧହୁଏ ଏସବୁ ସମ୍ଭାବନା ଜ୍ଞାତ ଥିବ। ତେଣୁ ସେ ରାମଚନ୍ଦ୍ରଙ୍କ ପାଇଁ ଚଉଦ ବର୍ଷର ବନବାସ ମାଗିଥାଇ ପାରନ୍ତି। ରାମ ଏବଂ ରାବଣଙ୍କ ଯୁଦ୍ଧ ଖୁବ ଭୟାବହ ଥିଲା। ସମସ୍ତ ବୀର ଯୋଦ୍ଧା ପରାସ୍ତ ହେବା ପରେ ରାବଣ ରଣଭୂମିରେ ଅବତୀର୍ଣ୍ଣ ହୋଇଥିଲା। ତାକୁ ଯୁଦ୍ଧରେ ହରେଇବା ରାମଚନ୍ଦ୍ରଙ୍କ ପାଇଁ ଥିଲା କଷ୍ଟସାଧ। ଶକ୍ତିଶାଳୀ ଅସ୍ତ୍ର ପ୍ରୟୋଗ ସତ୍ତ୍ୱେ ତାର କୌଣସି କ୍ଷତି ହେଉ ନ ଥିଲା। ଗୋଟିଏ ମସ୍ତକ ସ୍କନ୍ଧଚ୍ୟୁତ ହେଲେ ଅନ୍ୟେକ ମସ୍ତକ ସୃଷ୍ଟି ହେଉଥିଲା। ଏହାର ରହସ୍ୟ ସେ ବିଭୀଷଣଙ୍କୁ ପଚାରିଲେ। ଶରଣାଗତ ବିଭୀଷଣ ସମସ୍ତ ବୃତ୍ତାନ୍ତ ରାମଚନ୍ଦ୍ରଙ୍କୁ ଜଣେଇ ରାବଣର ନାଭିରେ ଶରବିଦ୍ଧ କରିବାକୁ ଅନୁରୋଧ କଲେ। ରାମଚନ୍ଦ୍ର ବ୍ରହ୍ମାସ୍ତ୍ର ପ୍ରୟୋଗ କଲେ। ରାବଣ ପ୍ରାଣ ଛାଡିଲା। ଦଶଗ୍ରୀବର ଦଶ ଶିର ତାର ମୃତ୍ୟୁର କାରଣ ସାଜିଲା। ନ୍ୟାୟର ଜୟ ହେଲା। ଅନ୍ୟାୟର ପତନ ଘଟିଲା। ଧର୍ମଯୁଦ୍ଧଜୟୀ ରାମଚନ୍ଦ୍ର ଧର୍ମପତ୍ନୀ ସୀତାଙ୍କୁ ଘେନି ଅଯୋଧା ଫେରିଲେ। ତାଙ୍କ ପାଇଁ ଦୀପ ଜଳିଲା। ଚଉଦ ବର୍ଷ ପରେ ଅଯୋଧା ଆଲୋକିତ ହେଲା। ଅନ୍ଧକାର ହଟିଲା। ପ୍ରଭୁଙ୍କ ଆଜ୍ଞାନୁସାରେ ସୁସଜ୍ଜିତା ଶୃଙ୍ଗାର ଓ ଆଭୂଷଣଯୁକ୍ତା ମାତା ସୀତାଙ୍କୁ ତାଙ୍କ ନିକଟକୁ ଆଣିବାର ବ୍ୟବସ୍ଥା ହେଲା। ମାତା ସୀତାଙ୍କ ପ୍ରତୀକ୍ଷାର ଅନ୍ତ ଘଟିବା ପୂର୍ବରୁ ନୂଆ ଏକ ଅଘଟଣ ମୁଣ୍ଡ ଟେକିଲା। ଆଦେଶ ମିଳିଲା ରାମଚନ୍ଦ୍ରଙ୍କ ସମୀପବର୍ତ୍ତୀ ହେବା ପୂର୍ବରୁ ମାତା ସୀତାଙ୍କୁ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ନିଜ ଅକ୍ଷତ ସତୀତ୍ୱର ପ୍ରମାଣ ଦେବାକୁ ହେବ। ସଭାସଦଜନ ବିମର୍ଷ ହେଲେ। ନିର୍ବିକାର ମାତା ଅଗ୍ନିରେ ଝାସ ଦେଲେ। ସୁରକ୍ଷିତା ବସ୍ଥାରେ ଅଗ୍ନିରୁ ପୁନଃ ସମ୍ଭୁତ ହେଲେ। ବାସ୍ତବରେ ବନବାସ ପୂର୍ବରୁ ରାମଚନ୍ଦ୍ର ମାତା ସୀତାଙ୍କ ସୁରକ୍ଷା ସକାଶେ ଅଗ୍ନିଦେବଙ୍କୁ ସମର୍ପଣ କରିଥିଲେ। ଛାୟା ସୀତା ରାମଙ୍କ ସହିତ ବନଗମନ କରିଥିଲେ। ଏକଥା ଲକ୍ଷ୍ମଣଙ୍କୁ ମଧ ଜଣା ନଥିଲା। ରାବଣ ଛାୟା ସୀତା ହରଣ କରି ଅଶୋକ ବାଟିକାରେ ରଖିଥିଲା। ମହାସତୀ ପତିବ୍ରତା ସୀତାଙ୍କୁ ଛୁଇଁବା ଦୁଷ୍ଟ ଦୁରାଚାରୀ ଦାନବ ପକ୍ଷେ ଅସମ୍ଭବ ଥିଲା। ନଳକୁବେରଙ୍କୁ ସମର୍ପିତା ଅପସରା ରମ୍ଭା ଶାପରେ ସେ ଥିଲା ଅଭିଶପ୍ତ। ଛାୟା ସୀତା ବଦଳରେ ବାସ୍ତବ ସୀତା ପ୍ରାପ୍ତି ଥିଲା ଅଗ୍ନିପରୀକ୍ଷାର ଉଦ୍ଦେଶ୍ୟ। ସାଧାରଣ ଜନତା ମନରେ ସୀତାଙ୍କ ସତୀତ୍ୱ ପ୍ରତି ଉଙ୍କିମାରୁଥିବା ଅବାଞ୍ଛନିୟ ସନ୍ଦେହ ଦୂରୀକରଣ ଏହାର ଅନ୍ୟ ଏକ ଲକ୍ଷ୍ୟ। ରାଜତିଳକ ପରେ ରାମଚନ୍ଦ୍ର ରାଜସଭାରେ ଉପସ୍ଥିତ ଥାନ୍ତି। ସାଙ୍ଗରେ ମାତା ସୀତା, ଭାଇମାନେ, ଭକ୍ତ ହନୁମାନ। ରାଜ୍ୟାଭିଷେକ ଉପରାନ୍ତ ଉପହାର ପ୍ରଦାନୋତ୍ସବ। ନିଜନିଜ ଶକ୍ତିମତେ ରାମଚନ୍ଦ୍ର ଓ ସୀତାଙ୍କୁ ଯେଝା ଭେଟି ପ୍ରଦାନ କରୁଥାନ୍ତି। ଭିକ୍ଷା କରୁଥାନ୍ତି ପ୍ରଭୁଙ୍କ ଆଶୀର୍ବାଦ। ବିଭୀଷଣ ଏକ ମୋତିଖଚିତ ମୂଲ୍ୟବାନ ହାର ମାତା ସୀତାଙ୍କୁ ଭେଟି ସ୍ୱରୂପ ଦେବାକୁ ଉପସ୍ଥିତ ହେଲେ। ହାରଟି ସମୁଦ୍ରଦେବ ରାବଣକୁ ପ୍ରଦାନ କରିଥିଲେ। ଦେବୀ ସୀତା ବିଭୀଷଣଙ୍କ ଉପହାର ଗ୍ରହଣ କରିବାକୁ ସଂକୋଚ ବୋଧ କରୁଥାନ୍ତି। ତାଙ୍କ ମନ କଥା ପ୍ରଭୁ ଜାଣିପାରିଲେ। ଇଂଗିତରେ ଅନୁମତିଦେଲେ ଗ୍ରହଣ କରିବାକୁ। ଦେବୀ ହାରଟିକୁ ଭକ୍ତ ହନୁମାନଙ୍କ ଗଳାରେ ଶ୍ରଦ୍ଧା ପୂର୍ବକ ପକେଇଲେ। ତତକ୍ଷଣାତ ହନୁମାନ ମୋତିସବୁକୁ ପାଟିରେ ଚୋବାଇ ଖଣ୍ଡବିଖଣ୍ଡିତ କରି ଭୂଇଁରେ ଫୋପାଡିବାକୁ ଲାଗିଲେ। ତାଙ୍କର ଏପ୍ରକାର ଅପମାନଜନିତ ବ୍ୟବହାର ସମସ୍ତଙ୍କୁ କ୍ଷୁବ୍ଧ କଲା। ତାଙ୍କୁ ପ୍ରଶ୍ନବାଣରେ ଘାଇଲା ହେବାକୁ ହେଲା। ଉତ୍ତର ଦେଇ ହନୁମାନ କହିଲେ ମୋତି ଭିତରେ ପ୍ରଭୁ ରାମଚନ୍ଦ୍ର ଏବଂ ମାତା ସୀତାଙ୍କୁ ଖୋଜୁଥିଲି। ପାଇଲି ନାହିଁ। ମୋପାଇଁ କୌଣସି କାମର ନୁହଁ ଜାଣି ଫୋପାଡ଼ିଦେଲି। ସଭାସଦଜନ କହିଲେ, ତୁମେ ତମ ଶରୀର କାହିଁକି ବୃଥାରେ ଧାରଣ କରିଛ? ତମ ଶରୀରରେ ସୀତାରାମ ତ ବାସକରି ନାହାନ୍ତି? ଏହାଶୁଣି ହନୁମାନଙ୍କୁ ନିଜ ବୁକୁ ଚିରିବାକୁ ପଡିଲା। ସୀତାରାମଙ୍କ ଯୁଗଳରୂପ ହନୁମାନଙ୍କ ହୃଦୟରେ ଦର୍ଶନ କରି ସମସ୍ତେ ଅଭିଭୂତ ଓ ଆଶ୍ଚର୍ଯ୍ୟାନ୍ୱିତ ହେଲେ। ଭକ୍ତର ଭକ୍ତିରେ ବନ୍ଧା ଭଗବାନ। ହନୁମାନଙ୍କ ପ୍ରତିବଦ୍ଧତା ସାମ୍ନାରେ ତାଙ୍କୁ ହାର ମାନିବାକୁ ପଡିଲା। ତାଙ୍କ ହୃଦୟରେ ସପତ୍ନୀକ ବିରାଜିତ ହେବାକୁ ହେଲା। ଯାହା ଅନ୍ୟାନ୍ୟ ଭକ୍ତ ଚର୍ମଚକ୍ଷୁରେ ଦର୍ଶନ କରି କୃତକୃତ୍ୟ ହେଲେ।

ମହାକାବ୍ୟ ରାମାୟଣ ଏମିତି ଅନେକ ଅଲୌକିକ ଘଟଣା ଆଧାରିତ। ପ୍ରତିଟି କାର୍ଯ୍ୟ ପଛରେ କାରଣ ବିଦ୍ୟମାନ। ବିନା କାରଣରେ କାର୍ଯ୍ୟର ସୃଷ୍ଟି ଅସମ୍ଭବ। କିଛି କାର୍ଯ୍ୟର କାରଣ ଉଦଘାଟିତ। ଅନ୍ୟ କେତେକ ଏବେ ସୁଦ୍ଧା ଅନୁଦ୍‌ଘାଟିତ। ରହସ୍ୟୋନ୍ମୋଚନ ଉଦ୍ୟୋଗ ଦ୍ୱାରା ସମ୍ଭବ। ନିରନ୍ତର ଅଧାତ୍ମିକ ନିବେଶ କାର୍ଯ୍ୟ - କାରଣ ପ୍ରକ୍ରିୟାକୁ ହୃଦୟଙ୍ଗମ କରିବାରେ ଧିରେଧିରେ ସାହାଯ୍ୟ କରିବ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**

# ପ୍ରଦୂଷଣ ଏକ ଗହନ ସମସ୍ୟା

ସମୟର ବିଡ଼ମ୍ବନା ଯେ, ଆଜି ଲୋକଙ୍କ ନିକଟରେ ସାଧନ-ସୁବିଧାର ଭରପୂର ଭଣ୍ଡାର ଥାଇ ମଧ ଜୀବନରେ ସୁଖ-ଶାନ୍ତି ନାହିଁ। ତଥାକଥିତ ବୁଝକମାନଙ୍କର ଅବୁଝାମଣା ଅସଂଖ୍ୟ ସମସ୍ୟା ଠିଆ କରିଦେଇଛି। ନିରନ୍ତର ବଢ଼ି ଚାଲିଥିବା ପର୍ଯ୍ୟାବରଣ ପ୍ରଦୂଷଣ କାରଣରୁ ହେଉଥିବା ଜଳବାୟୁ ପରିବର୍ତ୍ତନ ଧରାପୃଷ୍ଠରେ ଜୀବନର ଅସ୍ତିତ୍ୱ ସଙ୍କଟ ହିଁ ଠିଆ କରିଦେଇଛି। ଔଦ୍ୟୋଗିକ କ୍ରାନ୍ତିହେତୁ ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡର ସ୍ତର ପୂର୍ବ ତୁଳନାରେ ୫୦% ଅଧିକ ବଢ଼ିଯାଇଛି। ସହରାଞ୍ଚଳରେ ନିରନ୍ତର ବଢୁଥିବା ବାୟୁ ପ୍ରଦୂଷଣ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଜଟିଳ ସମସ୍ୟାମାନ ସୃଷ୍ଟି କରୁଛି। ଶିଳ୍ପ-ଅପଶିଷ୍ଟ, କୃଷି ରସାୟନ ଏବଂ ଘରୋଇ ଆବର୍ଜନାଦ୍ୱାରା ନଦୀ, ହ୍ରଦ ଏବଂ ଭୂତଳ ଜଳସ୍ତର ଦୂଷିତ ହେବାସହ ଜଳର ବର୍ଦ୍ଧିତ ଆବଶ୍ୟକତା ଯୋଗୁ ଜଳସ୍ତର ନିମ୍ନଗାମୀ ହେଉଅଛି।

ବୈଜ୍ଞାନିକ ପ୍ରଗତିସହ ବଢ଼ି-ଚାଲିଥିବା ଏହି ଅସନ୍ତୁଳନ ହିଁ ସବୁ ସମସ୍ୟାକୁ ଜନ୍ମ ଦେଇଛି। ବର, ଅଶ୍ୱ ଆଦି ବୃକ୍ଷ ଏଥିପାଇଁ ବିଶାଳକାୟ ଓ ଦୀର୍ଘଜୀବୀ ହୁଅନ୍ତି, କାରଣ ସେଗୁଡ଼ିକର ଚେର ସେମାନଙ୍କ ଆକାର ଅନୁପାତରେ ଗଭୀର ଏବଂ ପ୍ରସାରିତ ହୋଇଥାଏ। ଗୃହ ନିର୍ମାଣ ସମୟରେ ମୂଳଦୁଆପ୍ରତି ଧାନ ନଦେଇ ମହଲା ଉପରେ ମହଲା ବଢ଼ାଇ ଚାଲିଲେ ତାହା କେବଳ ଦୁର୍ଘଟଣା ହିଁ ଘଟାଇବ। ଏହି ସ୍ଥିତି ବର୍ତ୍ତମାନ ସମୟରେ ଜୀବନରେ ଅଧାତ୍ମ ଏବଂ ବିଜ୍ଞାନ ପରି-ପ୍ରେକ୍ଷୀରେ ଘଟିତ ହେଉଅଛି।

ବର୍ତ୍ତମାନ ଯୁଗରେ ପର୍ଯ୍ୟାବରଣ ସଙ୍କଟର ବହୁତ ବଡ଼ କାରଣ ଆଫ୍ରିକୀର ଉପେକ୍ଷା ଏବଂ ସୁଖ-ସୁବିଧାର ଲଗାମହୀନ ସ୍ପୃହାକୁ ମନା-ଯାଇପାରେ। ଆଜିକାଲି ଧରଣୀର ତାପମାନ ବଢ଼ି ବଢ଼ି ଗୁଲିଛି, ଗ୍ଲାସିୟର ତରଳିବାରେ ଲାଗିଛି, ନଦୀଗୁଡ଼ିକ ଶୁଖି ଯାଉଛି। ଡବ୍ଲ୍ୟୁଏଚଓ ଅନୁସାରେ ଦୁନିଆର ଲୋକସଂଖ୍ୟାର ୨୦% ଆଜି ପ୍ରଦୂଷିତ ବାୟୁରେ ଶ୍ୱାସ ଗ୍ରହଣ କରୁଛନ୍ତି। ଆମ ଜୀବନ ଶୈଳୀ ହିଁ ଏହି ଆତ୍ମଘାତୀ ସଂକଟର ମୂଳ କାରଣ। ଏହି ଭୀଷଣ ପର୍ଯ୍ୟାବରଣ ସଂକଟର ନିବାରଣ ନିମନ୍ତେ ଅନେକ ଉପାୟ ବି କରାଯାଉଛି, କିନ୍ତୁ ଆମେ ନିଜ ଜୀବନ ଶୈଳୀ ନବଦଳାଇଲେ ସମାଧାନ ଅସମ୍ଭବଭଳି ଲାଗୁଛି।

'ସାଧା ଜୀବନ-ଉଚ୍ଚ ବିଚାର' ସଫଳ ଓ ସୁଖୀ ଜୀବନ ନିମନ୍ତେ ଏକ ଅମୋଘ ମନ୍ତ୍ର। ଏହି ସୂତ୍ରକୁ ଗ୍ରହଣ କରିଥିବା ବ୍ୟକ୍ତିମାନେ ମହାପୁରୁଷ ହୋଇ ଯାଇଛନ୍ତି। ରାଷ୍ଟ୍ରର ମହାନାୟକ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ, ବିନୋବା ଭାବେ, ସର୍ଦାର ବଲ୍ଲଭଭାଇ ପଟେଲ ଆଦି ଏହାର ଜୀବନ୍ତ ଉଦାହରଣ।

ଲବ୍ଧପ୍ରତିଷ୍ଠ ବାରିଷ୍ଟର ମୋହନଦାସ କରମଚାନ୍ଦ ଗାନ୍ଧୀ ଦେଶର ସାଧାରଣ ବ୍ୟକ୍ତିର ପୀଡ଼ାକୁ ଅନୁଭବ କରି ଅଧା ଧୋତି ପିନ୍ଧି ଚାଦର ଘୋଡ଼ିହୋଇ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ହୋଇଗଲେ।

ଡା ଏ.ପି.ଜେ. ଅବଦୁଲ କଲାମ ରାଷ୍ଟ୍ରପତି ହେବାପରେ ବି ନିଜର ସାଧାରଣ କୋଠରୀରେ ରହୁଥିଲେ। ଆଲବର୍ଟ ଆଇନଷ୍ଟାଇନ ଏକ ପ୍ରକାର ପୋଷାକ ହିଁ ପିନ୍ଧୁଥିଲେ ଏବଂ କହୁଥିଲେ ଯେ, ଏହାଦ୍ୱାରା ନିର୍ଣ୍ଣୟ ନେବାରେ ସମସ୍ୟା କମ୍ ହୁଏ। ନେଲ୍‌ସନ୍ ମଣ୍ଡେଲା ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ହେବାପରେ ବି ନିଜର ଛୋଟିଆ ଘରଟିରେ ରହୁଥିଲେ ଏବଂ ସାଧା ଖାଦ୍ୟ ଖାଉଥିଲେ। ୱାରେନ ବଫେଟ୍ ଦୁନିଆର ସବୁଠାରୁ ବଡ଼ ବିତ୍ତଶାଳୀଙ୍କ ମଧରେ ଅନ୍ୟତମ, କିନ୍ତୁ ସେ ସେହି ଘରେ ହିଁ ରହୁଥିଲେ, ଯାହାକୁ ସେ ୧୯୫୮ ରେ ୩୧,୫୦୦ ଡଲାରରେ କିଣିଥିଲେ। ଷ୍ଟିଭ୍ ଜବ୍ସ କହୁଥିଲେ ଯେ, ସାଧାପଣ ହିଁ ଅନ୍ତିମ ପରିଷ୍କାର।

ଆଜି ବିକାଶର ସଂଜ୍ଞା ବି ବଦଳି ଯାଇଛି। ସୁଖ-ସୁବିଧାକୁ ବଡ଼ପଣିଆ ଓ ବିକାଶର ମାନକ ମନାଯାଇଛି, କିନ୍ତୁ ଯେଉଁ ଅନୁପାତରେ ସୁବିଧା- ଗୁଡ଼ିକ ବଢୁଛି ସେହି ଅନୁପାତରେ ପର୍ଯ୍ୟାବରଣ ଉପରେ ତା'ର ପ୍ରତିକୂଳ ପ୍ରଭାବ ମଧ ପଡୁଛି।

**ଅବଶିଷ୍ଟାଂଶ ୫ମ ପୃଷ୍ଠାରେ**

## ଆଜିର ଚିନ୍ତନ

- ଶିକ୍ଷା ଲାଭକରି ଏହାର ସଠିକ୍ ଉପଯୋଗ ନ କଲେ ଏହାର ମୂଲ୍ୟ କିଛି ନାହିଁ। ତେଣୁ କାଗଜ ପତ୍ରର ସାର୍ଟିଫିକେଟ ପାଇଁ ବ୍ୟସ୍ତତାର କୌଣସି ମୂଲ୍ୟ ହିଁ ନାହିଁ।
- କେବଳ ସମୁଦ୍ର ନିକଟରେ ଛିଡା ହୋଇ ଏହାକୁ ଅତିକ୍ରମ କରିବାର ସାହସ ରଖିଲେ କିଛି ହୋଇ ନଥାଏ। ବରଂ ଏଥିପାଇଁ ଉପାୟ ଚିନ୍ତା କରିବାକୁ ପଡିଥାଏ।
- ବିଷ ଠାରୁ ବି ଅଧିକ ବିଷାକ୍ତ ମଣିଷ କଥାର ଶବ୍ଦ ତେଣୁ କଥା କହିବା' ପୂର୍ବରୁ ଶହେ ଥର ଭାବି କୁହନ୍ତୁ ମୁଁ କଣ କହୁଛି ମୋ କଥା କାହା ହୃଦୟକୁ କଷ୍ଟ ଦଉନି ତ?
- ପରାଜୟ ସେତେବେଳେ ଯାଏଁ ହୋଇ ନଥାଏ ଯେତେବେଳେ ଯାଏଁ ତମେ ତଳେ ପଡ଼ି ରହିଛ। ପରାଜୟ ସେତେବେଳେ ହୋଇଥାଏ ଯେତେବେଳେ ଯାଏଁ ତୁମେ ଚେଷ୍ଟା ହିଁ କରି ନ ଥାଅ।
- ସାହସ ଓ ଧୈର୍ଯ୍ୟ ରଖିଥା'ନ୍ତୁ, ବିଗିଡ଼ି ଯାଇଥିବା ବ୍ୟବସ୍ଥା ଦିନେ ସୁଧୁରିଯିବ। ସ୍ଥିର, ନିଶ୍ଚିତ ଓ କୃତଜ୍ଞ ରହନ୍ତୁ; ଏ ଦୁଃସମୟ ମଧ ଚାଲିଯିବ। ନିଜକୁ ଏମିତି ଗଢ଼ି ତୋଳନ୍ତୁ ଯେମିତି ଜୀବନର ସମସ୍ତ କଠିନ ପରିସ୍ଥିତିରେ ହାରିବା ନାହିଁ, ବରଂ ନିଜକୁ ଶକ୍ତିଶାଳୀ କରି ପ୍ରତ୍ୟେକ ସମସ୍ୟାକୁ ସାମ୍ନା କରିପାରିବା।
- ସମୟ ଦିଅ ବା ସମ୍ମାନ ଉପହାର ଦିଅ ଅଥବା ଭଲ ବ୍ୟବହାର। ବଦଳିବା ଲୋକ ବଦଳି ଯିବେ। ସାଥିରେ ରହିବାକୁ ଚାହୁଁଥିବା ଲୋକ ସାରା ଜୀବନ ସାଥିରେ ରହିବେ।
- ଦୁଃଖ ସହିଲାବାଲା ଆଗକୁ ସୁଖରେ ରହିପାରେ। କିନ୍ତୁ ଯିଏ ଅନ୍ୟକୁ ଦୁଃଖ ଦିଏ, ସିଏ ଜୀବନରେ କେବେ ବି ସୁଖରେ ରହିପାରେ ନାହିଁ।
- ସବୁବେଳେ ଲୁଣ ପରି ହେବାକୁ ଚେଷ୍ଟା କରନ୍ତୁ। ଯେପରି କେହି ବି ଆପଣଙ୍କ ଉପସ୍ଥିତି ଜାଣି ପାରିବେ ନାହିଁ। କିନ୍ତୁ ଆପଣଙ୍କ ଅନୁପସ୍ଥିତିକୁ ସବୁ କାର୍ଯ୍ୟରେ ଅନୁଭବ କରି ପାରିବେ।
- ଜୀବନରେ ଏମିତି ଗୋଟିଏ ସମ୍ପର୍କ କରିବା ଉଚିତ ଯାହା ପାଖରେ ସବୁ କିଛି କହି ହୁଏ, ଅଭିମାନ କରାଯାଏ, ଝଗଡ଼ା କରାଯାଏ। କିନ୍ତୁ ତାକୁ କେବେ ଭୁଲି ହୁଏନାହିଁ।
- କେହି ନେଇ ନାହିଁ ଆମେ ନେବା ନାହିଁ, ଯିଏ ଯେଉଁଠାରେ ରହିବେ, କାହା ପାଇଁ କିଛି କରି ନାହିଁ ବୋଲି, ପଛେ କିଏ କାହିଁ କହିବେ?
- ସଫଳତା ପାଇବାକୁ ହେଲେ ସବୁବେଳେ ଏକା ଆଗକୁ ବଢ଼ିବାକୁ ହୁଏ, ସଫଳ ହେଲା ପରେ ଲୋକେ ଆପେ ଆପେ ତୁମ ପଛରେ ଆସିବେ।
- ଆଜିର ଏ ଦୁନିଆଁରେ ଋଣ ନିୟମ ସବୁ ମିଛ ହୋଇଥାଏ, କାରଣ ସେ ହିଁ ସବୁଠୁ ଅଧିକ ଋଣ ଖାଇଥାଏ ଯିଏ ସବୁଠୁ ଅଧିକ ମିଛ କହିଥାଏ....।

ବର୍ଷ ୨୯, ସଂଖ୍ୟା - ୨୯, ୨୦ - ୨୬ ଜୁଲାଇ ୨୦୨୫

# ବୃକ୍ଷ ରୋପଣର ମହତ୍ତ୍ୱ

ସାମ୍ପ୍ରତିକ ଅଙ୍ଗାରକ-ସଘନ ବିକାଶ ପ୍ରକ୍ରିୟା, ଦ୍ରୁତ ସହରୀକରଣ, ଶିଳ୍ପାୟନର ପ୍ରସାରଣ ଏବଂ କ୍ଷିପ୍ର ବେଗର ଉର୍ଦ୍ଧ୍ୱଗାମୀ ଅର୍ଥନୀତି କ୍ରମଶଃ ପ୍ରକୃତି ଉପରେ ଚାପ ବୃଦ୍ଧି ଘଟାଇବା ସହ ଜଙ୍ଗଲ ଓ ବୃକ୍ଷରାଜିର ଅବକ୍ଷୟକୁ ତ୍ୱରାନ୍ୱିତ କରୁଛି । ସମ୍ପ୍ରତି ଭାରତର ଜଙ୍ଗଲ ଏବଂ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ସୀମିତ ରହିଛି ୨୫.୧୭% ରେ, ଯାହା ୧୯୮୮ ମସିହାର ଜାତୀୟ ବନ ନୀତି ଦ୍ୱାରା ସ୍ଥିରୀକୃତ ୩୩% ଲକ୍ଷ୍ୟଠାରୁ ଯଥେଷ୍ଟ ନିମ୍ନରେ ରହିଛି । ବିଶ୍ୱସ୍ତରରେ, ଅଧୁନା ସ୍ଥଳଭାଗର ପ୍ରାୟ ୩୧% ଅଞ୍ଚଳ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ ଅଛି । ଅନ୍ୟପକ୍ଷରେ, ମାନବୀୟ ପ୍ରଭାବରେ ଘନ ଜଙ୍ଗଲ କ୍ରମେ ମଧମ ଘନ ଜଙ୍ଗଲ ଏବଂ ପରେ ଖୋଲା ଜଙ୍ଗଲକୁ ରୂପାନ୍ତରିତ ହେଉଛି । ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମରେ ସର୍ବତ୍ର ବୃକ୍ଷରାଜି ବଳିପଡ଼ି ସବୁଜିମା ଆଚ୍ଛାଦିତ ଅଞ୍ଚଳ କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ଅସହନୀୟ ବିକାଶ ପ୍ରକ୍ରିୟାର ନକାରାତ୍ମକ ପ୍ରଭାବରେ ଜଙ୍ଗଲ ତଥା ଅନ୍ୟ ପ୍ରାକୃତିକ ପରିସଂସ୍ଥା ସବୁ ନଷ୍ଟଭ୍ରଷ୍ଟ ହୋଇଚାଲିଛି । ତେବେ ପରିବେଶୀୟ ସ୍ଥିରତା, ଜଳବାୟୁ ନିୟନ୍ତ୍ରଣ, ଜୈବବିବିଧତା ସଂରକ୍ଷଣ ଏବଂ ମାନବ କଲ୍ୟାଣ ନିମନ୍ତେ ଆମ ଚତୁର୍ଦ୍ଦିଗରେ ବୃକ୍ଷ ଆବରଣର ବୃଦ୍ଧି ଯେ ଅତ୍ୟନ୍ତ ଜରୁରୀ, ଏହା ସମସ୍ତେ ହୃଦୟଙ୍ଗମ କରିବା ଏକାନ୍ତ ପ୍ରୟୋଜନୀୟ । ବୃକ୍ଷ ଆଚ୍ଛାଦନର ବୃଦ୍ଧି କେବଳ ଏକ ପରିବେଶଗତ ଆବଶ୍ୟକତା ଭାବରେ ନୁହେଁ, ବରଂ ଅନେକ ବୈଶ୍ୱିକ ଆହ୍ୱାନର ଏକ ସୁଗମ ଏବଂ ଦୀର୍ଘକାଳୀନ ପ୍ରତୀକାରାତ୍ମକ ପନ୍ଥା ଭାବରେ ଉଭା ହୁଏ ।


ସବୁଜିମା ଆଚ୍ଛାଦନର ହ୍ରାସନ ଦ୍ୱାରା ଅଙ୍ଗରକ ସଂରକ୍ଷଣ ହାସ, ସବୁଜଗୃହ ବାଷ୍ପ ନିର୍ଗମନରେ ବୃଦ୍ଧି, ମୃତ୍ତିକା ଅବକ୍ଷୟ ତ୍ୱରାନ୍ୱିତ, ସାମଗ୍ରିକ ଜୈବବିବିଧତାର ଅବନତି ଏବଂ ସ୍ଥାନୀୟ ପରିସଂସ୍ଥାର କାର୍ଯ୍ୟପ୍ରକ୍ରିୟାରେ ବିଭ୍ରାଟ ସୃଷ୍ଟି ହୋଇଥାଏ ।

ଏପରି ବୈଶ୍ୱିକ ପୃଷ୍ଠଭୂମିରେ ପରିବେଶୀୟ ସ୍ଥିରତା, ଜଳବାୟୁ ନିୟନ୍ତ୍ରଣ, ବନ୍ୟଜୀବ ସଂରକ୍ଷଣ ଏବଂ ମାନବ କଲ୍ୟାଣ ନିମନ୍ତେ ବୃକ୍ଷରୋପଣ ମାଧମରେ ସବୁଜିମା ଆସ୍ତରଣର ପ୍ରସାରଣ ଅତ୍ୟାବଶ୍ୟକ ଅଟେ । ସମଗ୍ର ବିଶ୍ୱ ଯେତେବେଳେ ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ଅବକ୍ଷୟ ଏବଂ ସହରୀକରଣର ପ୍ରଭାବ ବିରୁଦ୍ଧରେ ସଂଘର୍ଷ କରୁଛି, ସେତେବେଳେ ବୃକ୍ଷ ଆଚ୍ଛାଦନର ବୃଦ୍ଧି କେବଳ ଏକ ପରିବେଶଗତ ଆବଶ୍ୟକତା ଭାବରେ ନୁହେଁ ବରଂ ଅନେକ ବୈଶ୍ୱିକ ଆହ୍ୱାନର ଏକ ଫଳପ୍ରଦ ଏବଂ ଦୀର୍ଘକାଳୀନ ସମାଧାନର ପନ୍ଥା । ଉଦ୍ଭିଦରାଜି 'ଅଙ୍ଗାରକ ଭଣ୍ଡାର' ଭାବରେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରି ଏହାକୁ ସୁଦୀର୍ଘ ସମୟ ସଂରକ୍ଷିତ କରି ରଖନ୍ତି । ଏକ ପରିପକ୍ୱ ବୃକ୍ଷ ବର୍ଷକୁ ୨୨ କିଲୋଗ୍ରାମ ପର୍ଯ୍ୟନ୍ତ ଅଙ୍ଗାରକାମ୍ଳ ଶୋଷଣ କରିପାରେ । ପ୍ରତିବର୍ଷ ବିଶ୍ୱସ୍ତରରେ ଜୀବାଶ୍ମ ଇନ୍ଧନରୁ ନିର୍ଗତ ଅଙ୍ଗାରକ ନିର୍ଗମନର ପ୍ରାୟ ଏକ- ତୃତୀୟାଂଶ ଜଙ୍ଗଲ ପରିସଂସ୍ଥା ଶୋଷଣ କରେ । ଅତଏବ, ବ୍ୟାପକ ବୃକ୍ଷରୋପଣ ଏବଂ ବିଦ୍ୟମାନ ଜଙ୍ଗଲକୁ ସୁରକ୍ଷା ପ୍ରଦାନ ଦ୍ୱାରା ଆମେ ବାୟୁମଣ୍ଡଳରେ ସବୁଜଗୃହ ବାଷ୍ପର ପରିମାଣରେ ହ୍ରାସ ଘଟାଇ ବିଶ୍ୱତାପନକୁ ମନ୍ଥର କରିପାରିବା । ଏତଦ୍ ବ୍ୟତୀତ, ଉଦ୍ଭିଦମାନେ ଯବକ୍ଷାରଜାନ ଡାଇଅକ୍ସାଇଡ୍, ଗନ୍ଧକ ଡାଇଅକ୍ସାଇଡ୍ ଏବଂ ଅନ୍ୟାନ୍ୟ ରାସାୟନିକ ଓ କଣିକା ପଦାର୍ଥ ଭଳି ପ୍ରଦୂଷକଗୁଡ଼ିକୁ ଛାଣି ବାୟୁର ଗୁଣବତ୍ତା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି, ଯାହା ମଣିଷ ଏବଂ ଜୀବଜନ୍ତୁଙ୍କୁ ସ୍ୱଚ୍ଛ ବାୟୁ ପ୍ରଦାନ କରେ । ବିଶେଷକରି, ସହରାଞ୍ଚଳମାନଙ୍କରେ ବିସ୍ତାରିତ ବୃକ୍ଷ ଆବରଣ ଟ୍ରାଫିକ୍, ଶିଳ୍ପ ଏବଂ ବ୍ୟାବସାୟିକ କାର୍ଯ୍ୟକଳାପ ତଥା ଅନ୍ୟାନ୍ୟ ଉତ୍ସରୁ ସୃଷ୍ଟି ପ୍ରଦୂଷଣକୁ ପ୍ରତିରୋଧ କରିବାରେ ସହାୟତା କରେ । ପରିଣାମ ସ୍ୱରୂପ, ଶ୍ୱାସକ୍ରିୟା ୦୭୬୧୦୦ ଏବଂ ହୃଦ୍‌ରୋଗ ହାରରେ ହ୍ରାସ ଘଟି ଜନସ୍ୱାସ୍ଥ୍ୟ ସୁରକ୍ଷିତ ରହେ ।

ବୃକ୍ଷମାନେ ବର୍ଷାଜଳକୁ ଶୋଷଣ ଓ ସଂରକ୍ଷଣ କରି ଜଳଚକ୍ରକୁ ନିୟନ୍ତ୍ରଣ କରନ୍ତି, ଜଳପ୍ରବାହ ଓ ମୃତ୍ତିକା କ୍ଷୟକୁ ହ୍ରାସ କରନ୍ତି ଏବଂ ଭୂତଳ ଜଳର ପୁନଃଭରଣାରେ ବୃଦ୍ଧି ଘଟାନ୍ତି । ସେମାନଙ୍କର ଚେର ପ୍ରଣାଳୀ ମାଟିକୁ ସ୍ଥିର ରଖେ, ଭୂସ୍ଖଳନକୁ ରୋକିଥାଏ ଏବଂ ବନ୍ୟାର ଆଶଙ୍କାକୁ ହ୍ରାସକରେ । ଜଙ୍ଗଲାଞ୍ଚଳ ସବୁ ପ୍ରାକୃତିକ ଜଳ ଫିଲ୍ଟର ଭାବରେ କାର୍ଯ୍ୟ କରି ଜଳଯୋଗାଣର ଗୁଣବତ୍ତା ଉନ୍ନତ କରିଥାନ୍ତି । ଅତଏବ, ଜଳାଭାବ ଦୂର କରିବା ଏବଂ ଅଧିକ ସ୍ଥିର ଓ ସ୍ଥାୟୀ ଜଳସମ୍ପଦ ସୁନିଶ୍ଚିତ କରିବା ନିମନ୍ତେ ଉଦ୍ଭିଦ ଆବରଣର ବିସ୍ତାର ଘଟାଇବା ଏକ ବ୍ୟାବହାରିକ ରଣନୀତି ଅଟେ । ବୃକ୍ଷ ଆଚ୍ଛାଦିତ ଜଙ୍ଗଲାଞ୍ଚଳ ପରିସଂସ୍ଥାରେ ୮୦% ରୁ ଅଧିକ ସ୍ଥଳଚର ଜୀବଜାତି ବସବାସ କରନ୍ତି । ଜଙ୍ଗଲ ଅବକ୍ଷୟ ଏବଂ ବାସସ୍ଥଳୀ ବିଖଣ୍ଡନ ଅଗଣିତ ଉଦ୍ଭିଦ ଏବଂ ପ୍ରାଣୀ ପ୍ରଜାତିକୁ ବିପଦଗ୍ରସ୍ତ କରୁଥିବାରୁ, ବୃକ୍ଷ ଆଚ୍ଛାଦନ ବୃଦ୍ଧି ଦ୍ୱାରା ପରିବେଶଗତ ସନ୍ତୁଳନ ପୁନଃସ୍ଥାପିତ ଏବଂ ଜୈବବିବିଧତା ସଂରକ୍ଷଣ ସମ୍ଭବପର ହେବ । ବିଶେଷକରି ଦେଶୀୟ ଏବଂ ବହୁବିଧ ପ୍ରଜାତି ଉପରେ ଧ୍ୟାନକେନ୍ଦ୍ରିତ କରୁଥିବା ବୃକ୍ଷରୋପଣ ମାଧମରେ ବନ୍ୟପ୍ରାଣୀ ଚଲାପଥର ପୁନଃସ୍ଥାପନ ଏବଂ ବିଖଣ୍ଡିତ । ପରିସଂସ୍ଥାକୁ ସଂଯୁକ୍ତ କରାଯାଇ ପାରିବ, ଯାହା ଜୀବଜାତିମାନଙ୍କର ସ୍ଥାନାନ୍ତରଣ, ବଂଶବୃଦ୍ଧି ଏବଂ ଉନ୍ନତି ସାଧନକୁ ସମର୍ଥନ କରିବ ।

ସବୁଜିମା ବୃଦ୍ଧିର ମଧ ଗଭୀର ପ୍ରଭାବ ରହିଛି ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ । ସହରାଞ୍ଚଳ ପରିବେଶରେ ବୃକ୍ଷମାନେ ସୁଶୀତଳ ଛାୟା ପ୍ରଦାନ କରିବା ସହ ଉତ୍ତାପ ଦ୍ୱୀପ ପ୍ରଭାବକୁ ପ୍ରତିହତ କରନ୍ତି, ଯାହା ସହରମାନଙ୍କୁ ଅଧିକ ବାସୋପଯୋଗୀ କରେ ଏବଂ ଶକ୍ତି-ବ୍ୟୟକାରୀ ଶୀତତାପ ନିୟନ୍ତ୍ରଣର ଆବଶ୍ୟକତାରେ ହ୍ରାସ ଘଟାଏ । ସବୁଜିମା ମାନସିକ ଚାପ ହ୍ରାସ କରି ସୁସ୍ଥତା ଓ ଶୀତଳତା ପ୍ରଦାନରେ ଅବଦାନ ରଖେ, ମନୋଭାବ ଉନ୍ନତ କରେ ଏବଂ ଶାରୀରିକ କାର୍ଯ୍ୟକଳାପକୁ ଉତ୍ସାହିତ କରେ । ଆର୍ଥିକ ଦୃଷ୍ଟିରୁ ଏହା ଜଙ୍ଗଲ, କୃଷି, ପର୍ଯ୍ୟଟନ ଏବଂ ଔଷଧୀୟ ଉଦ୍ଭିଦ ଭଳି କ୍ଷେତ୍ରରେ ଜୀବିକା ନିର୍ବାହକୁ ସମର୍ଥନ କରେ । ନିରନ୍ତର ବନୀକରଣ ଅଭ୍ୟାସ ଭବିଷ୍ୟତ ପିଢ଼ି ନିମନ୍ତେ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହିତ ସବୁଜ ନିଯୁକ୍ତି ସୃଷ୍ଟିର ଭିତ୍ତି ସ୍ଥାପନ କରେ । ଏପରି ହିତସାଧନ ସତ୍ତ୍ୱେ, ଜଙ୍ଗଲ ଅବକ୍ଷୟ, କୃଷିକ୍ଷେତ୍ର ପ୍ରସାରଣ, କାଷ୍ଠ ଆବଶ୍ୟକତା ପୂରଣ ପାଇଁ ବୃକ୍ଷ ଛେଦନ ଏବଂ ଭିତ୍ତିଭୂମି ବିକାଶ କାରଣରୁ ବିଶ୍ୱ ସବୁଜିମା ଆଚ୍ଛାଦନ କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ଗ୍ଲୋବାଲ ଫରେଷ୍ଟ ୱାଚ୍ ଅନୁଯାୟୀ, କେବଳ ୨୦୨୩ ମସିହାରେ ବିଶ୍ୱ ଉଷ୍ଣମଣ୍ଡଳୀୟ ପ୍ରାଥମିକ ବୃଷ୍ଟିଜଙ୍ଗଲ ପ୍ରାୟ ୩.୭ ନିୟୁତ ହେକ୍ଟର ଆକାରର ବୃକ୍ଷ ଆଚ୍ଛାଦନ ହରାଇଛି । ଏପରି କ୍ରମାଗତ କ୍ଷୟକ୍ଷତି ଧାରାର ପରିବର୍ତ୍ତନ ନିମନ୍ତେ ଏକ ସମନ୍ୱିତ ଏବଂ ସମ୍ମିଳିତ ବିଶ୍ୱ ପ୍ରୟାସର ପ୍ରୟୋଜନୀୟତା ଅତ୍ୟନ୍ତ ସୁସ୍ପଷ୍ଟ ଅଟେ । ପରିବେଶୀୟ ଗୁଣବତ୍ତା ସୁନିଶ୍ଚିତ କରିବା ନିମନ୍ତେ ବନୀକରଣ, ପୁନଃବନୀକରଣ ଏବଂ ବୃକ୍ଷରୋପଣ ପ୍ରକଳ୍ପଗୁଡ଼ିକୁ ସତର୍କତାର ସହିତ ଯୋଜନା କରାଯିବା ଆବଶ୍ୟକ । ବାହ୍ୟ ଜାତି କିମ୍ବା ଏକକ ଜାତିର ବୃକ୍ଷରୋପଣ ସ୍ଥାନୀୟ ପରିସଂସ୍ଥାରେ ବିପର୍ଯ୍ୟସ୍ତ ଘଟାଇପାରେ ଏବଂ ଉନ୍ନତି ଅପେକ୍ଷା ଅଧିକ କ୍ଷତିସାଧନ କରିପାରେ । ଦେଶୀୟ/ ସ୍ଥାନୀୟ ଉଦ୍ଭଦ ଜାତି ଏବଂ ପ୍ରାକୃତିକ ଜଙ୍ଗଲ ପରିସଂସ୍ଥାର ପୁନରୁଦ୍ଧାରକୁ ପ୍ରାଧାନ୍ୟ ପ୍ରଦାନ ଏକାନ୍ତ ଅପରିହାର୍ଯ୍ୟ । ବୃକ୍ଷରୋପଣ ପ୍ରକଳ୍ପଗୁଡ଼ିକର ସଫଳତା ତଥା ନିରନ୍ତରତା ହାସଲ ଏବଂ ସ୍ଥାନୀୟ ଆବଶ୍ୟକତା ସହିତ ସମନ୍ୱିତ କରିବା ନିମନ୍ତେ ସ୍ଥାନୀୟ ସମ୍ପ୍ରଦାୟମାନଙ୍କୁ ଯୋଜନା ଏବଂ କାର୍ଯ୍ୟାନ୍ୱୟନରେ ନିୟୋଜିତ କରାଯିବା ବାଞ୍ଛନୀୟ । ଶିକ୍ଷା ଏବଂ ସଚେତନତା ଅଭିଯାନ ପରିବେଶୀୟ ପରିଚାଳନାର ସଂସ୍କୃତିକୁ ପ୍ରୋତ୍ସାହିତ କରିବ ଏବଂ ବ୍ୟକ୍ତିବିଶେଷଙ୍କୁ ନିଜ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କାର୍ଯ୍ୟପନ୍ଥା ଗ୍ରହଣ ନିମନ୍ତେ ପ୍ରେରଣା ଦେବ ।

ଏହା ହୃଦୟଙ୍ଗମ କରିବା ଆବଶ୍ୟକ ଯେ, ବୃକ୍ଷ ଆବରଣ ବୃଦ୍ଧି କରିବା ଆମ ସମୟର ପରିବେଶୀୟ ଏବଂ ସାମାଜିକ ଆହ୍ୱାନ ସବୁକୁ ପ୍ରତିହତ କରିବାର ଏକ ଶକ୍ତିଶାଳୀ ଏବଂ ଅତ୍ୟାବଶ୍ୟକ ପ୍ରତିକ୍ରିୟା । ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବା ଏବଂ ବାୟୁ ଓ ଜଳର ଗୁଣବତ୍ତାରେ ଉନ୍ନତି ସାଧନ କରିବାଠାରୁ ଜୈବବିବିଧତା ଏବଂ ମାନବ ସ୍ୱାସ୍ଥ୍ୟକୁ ସମର୍ଥନ କରିବା ପର୍ଯ୍ୟନ୍ତ, ସବୁଜିମାର ବୃଦ୍ଧି ବହୁଳ ଭାବରେ କ୍ଟରମାନବ ଜୀବନ ଏବଂ ଜୀବଜଗତର ହିତସାଧନ ସହିତ ଠଷ ଜଡ଼ିତ । ସରକାର, ବିବିଧ ସଂଗଠନ ଏବଂ ବ୍ୟକ୍ତିବିଶେଷ ଉପସ୍ଥିତ ଜଙ୍ଗଲ ସବୁକୁ ସୁରକ୍ଷା ଦେବା, ଅବକ୍ଷୟିତ ଜମିର ପୁନରୁଦ୍ଧାର କରିବା ଏବଂ ବିଜ୍ଞତାର ପ୍ରଦର୍ଶନପୂର୍ବକ ବ୍ୟାପକ ବୃକ୍ଷରୋପଣ ନିମନ୍ତେ ସମ୍ମିଳିତ ଭାବରେ କାର୍ଯ୍ୟ ସମ୍ପାଦନ କରିବା ଏକାନ୍ତ ଅପରିହାର୍ଯ୍ୟ ।



# ନିୟତି ଉପରେ ବିଶ୍ୱାସ

**ମହାତ୍ମା ଗାନ୍ଧୀ**

ଏହି ସମାଜ ସ୍ୱଭାବତଃ ସତ୍ୟ ଏବଂ ଅହିଂସା ଉପରେ ଆଧାରିତ ହୋଇ ରହିବ ଏବଂ ମୋ' ମତରେ ଈଶ୍ୱରଙ୍କ ଠାରେ ଏକ ଜୀବନ୍ତ ବିଶ୍ୱାସ ବ୍ୟତୀତ ସତ୍ୟ ଓ ଅହିଂସା ସମ୍ଭବ ହେବ ନାହିଁ । ଏଠାରେ ଈଶ୍ୱରର ଅର୍ଥ ହେଉଛି ଏକ ସ୍ୱୟମ୍ଭୁ ସର୍ବଜ୍ଞାତା ଜୀବନ୍ତ ପରମଶକ୍ତି । ଯାହା ମଧରେ କି ପୃଥିବୀ ଜାଣିଥିବା ଅନ୍ୟ ସମସ୍ତ ଶକ୍ତି ଅନ୍ତର୍ଗତ ହୋଇ ରହିଛି, ଯାହା ଆଦୌ କାହାରି ଉପରେ ନିର୍ଭର କରୁନାହିଁ ଏବଂ କେବେ ଏହି ଯାବତୀୟ ଶକ୍ତି ନଷ୍ଟ ହୋଇଯିବେ ଏବଂ ଆଉ ରହିବେ ନାହିଁ ବୋଲି କଳ୍ପନା କରାଯାଇ ପାରିଲେ ମଧ ଯେଉଁ ଶକ୍ତି ତଥାପି ବିଦ୍ୟମାନ ରହିବ । ଏହି ସର୍ବ ଅନ୍ତର୍ଗତକାରୀ ଜୀବନ୍ତ ପରମଆଲୋକରେ ବିଶ୍ୱାସ ନଥାଇ ମୁଁ ମୋ'ର ଜୀବନର କୌଣସି କାରଣ ଦର୍ଶାଇ ପାରିବାକୁ କଦାପି ସମର୍ଥ ହେବିନାହିଁ । ଏହି ଚିତ୍ରଟି ମଧରେ ପ୍ରତ୍ୟେକ ଧର୍ମଲାଗି ନିଜ ନିଜର ସଂପୂର୍ଣ୍ଣ ଏବଂ ସମାନ ସ୍ଥାନ ରହିଛି । ଆମେ ସମସ୍ତେ ଏପରି ଗୋଟିଏ ବିଶାଳ ବୃକ୍ଷର ଗୋଟିଏ ଗୋଟିଏ ପତ୍ର, ଯାହାର ମୂଳକୁ କେହି କଦାପି ହଲାଇ ପାରିବ ନାହିଁ ଓ ଯାହାର ଚେରଗୁଡ଼ିକ ଏହି ପୃଥିବୀର ବହୁ ଗଭୀରକୁ ଭେଦ କରି ରହିଛି । ପ୍ରବଳତମ ପବନ ମଧ ତାହାକୁ କଦାପି ଦୋହଲାଇ ପାରିବ ନାହିଁ ।


ଏଥିରେ ଏପରି କୌଣସି ଯନ୍ତ୍ର ରହିବ ନାହିଁ ଯାହାକି ମନୁଷ୍ୟର ଶ୍ରମକୁ ଅପସାରିତ କରିବ ଏବଂ ଯାହା କ୍ଷମତାକୁ ମୁଷ୍ଟିମେୟ ବ୍ୟକ୍ତିମାନଙ୍କର ହାତ ଭିତରକୁ ସଂକେନ୍ଦ୍ରିତ କରି ଆଣିବ । ଏକ ସଂସ୍କୃତି ସମ୍ପନ୍ନ ମନୁଷ୍ୟ ପରିବାରରେ ଶ୍ରମିକର ଅନନ୍ୟ ସ୍ଥାନଟିଏ ରହିଛି । ଯେଉଁ ଯନ୍ତ୍ର ପ୍ରତ୍ୟେକ ବ୍ୟକ୍ତିକୁ ସାହାଯ୍ୟ କରିବ, ତାହାଲାଗି ଅବଶ୍ୟ ସ୍ଥାନ ରହିଛି । ମାତ୍ର ମୋତେ ସ୍ୱୀକାର କରିବାକୁ ପଡିବ ଯେ, ସେହି ଯନ୍ତ୍ର ବସ୍ତୁତଃ କିଭଳି ହେବ, ମୁଁ ସ୍ଥିର ଭାବରେ ବସି ଏ ପର୍ଯ୍ୟନ୍ତ କେବେ ଚିନ୍ତା କରିନାହିଁ । ମୁଁ ସିଙ୍ଗର କମ୍ପାନୀର ସିଲାଇ ଯନ୍ତ୍ର କଥା ଭାବିଛି । ମାତ୍ର ତାହାର କଥାଟିକୁ ମଧ ମୁଁ ଯଥେଷ୍ଟ ସାବଧାନତା ସହିତ ଭାବିନାହିଁ । ମୋ ଚିତ୍ରଟିକୁ ପୂର୍ଣ୍ଣ କରିବା ପାଇଁ ମୁଁ ଆଦୌ ସେହି ଯନ୍ତ୍ରଟିକୁ ଆବଶ୍ୟକ କରୁନାହିଁ ।

ସଫଳତା ପାଇବା ନିମନ୍ତେ ହିଂସାର ଅଳ୍ପ ଦୂର ପଡୁଥିବା ରାସ୍ତାରେ ଯିବାରେ ମୋ'ର ବିଶ୍ୱାସ ନାହିଁ । ଯୋଗ୍ୟ ଅଭିପ୍ରାୟଗୁଡିକ ଲାଗି ମୋ'ର ଯେତେ ସହାନୁଭୂତି ରହିଥିଲେ ମଧ ସେଗୁଡିକର ଯେତେ ପ୍ରଶଂସା କରୁଥିଲେ ମଧ ମୁଁ କାବ୍ୟରୁ ଆହୁରି କାମ୍ୟ ଆଦର୍ଶଗୁଡିକ ହାସଲ କରିବା ପାଇଁ ମଧ ହିଂସାର ପଦ୍ଧିମାନେ ଗ୍ରହଣ କରିବାର ନୀତିକୁ ସର୍ବଦା ଅତ୍ୟନ୍ତ କଠୋରଭାବରେ ବିରୋଧ କରିବି ଓ ସେଥିରେ ଆଦୌ କୌଣସି ସାଲିସ୍ କରିବି ନାହିଁ । ତେଣୁ, ହିଂସାର ବିଚାର ଏବଂ ମୋ' ବିଚାର ମଧରେ ବସ୍ତୁତଃ ପରସ୍ପର ସହିତ ଏକମତ ହେବାଲାଗି କୌଣସି ଅବକାଶ ନାହିଁ । ମାତ୍ର, ସନ୍ତ୍ରାସବାଦୀ ଓ ହିଂସାରେ ବିଶ୍ୱାସ କରୁଥିବା ଅନ୍ୟମାନଙ୍କ ସହିତ ସଂପୃକ୍ତ ହେବାରେ ମୋ'ର ଅହିଂସାଧର୍ମ ମୋତେ ଆଦୌ ବାରଣ କରିବ ନାହିଁ ଓ ବରଂ ମୋତେ ସେଥିଲାଗି ବାଧ ମଧ କରିବ । ମାତ୍ର ମୋ' ଆଖିକୁ ଯାହା ସେମାନଙ୍କର ଗୋଟିଏ ଭୁଲ ବୋଲି ଦେଖାଯାଉଛି, ସେଥିରୁ ସେମାନଙ୍କୁ ନିବୃତ୍ତ କରାଇବାର ଏକମାତ୍ର ଉଦ୍ଦେଶ୍ୟ ରଖି ହିଁ ମୁଁ ସେମାନଙ୍କ ସହିତ ଆପଣାକୁ ସଂପୃକ୍ତ ରଖିବି । କାରଣ, ନିଜ ଅଭିଜ୍ଞତାରୁ ମୋ'ର ଦୃଢ଼ ବିଶ୍ୱାସ ହୋଇଯାଇଛି ଯେ, ଅସତ୍ୟ ଏବଂ ହିଂସାରୁ କୌଣସି ସ୍ଥାୟୀ ଫଳ କେବେହେଲେ ସମ୍ଭବ ହେବ ନାହିଁ । ମୋର ଏହି ବିଶ୍ୱାସ କେବଳ ଏକ ମୋତେ ଭଲ ଲାଗୁଥିବା ଭ୍ରମ ହୋଇଥିଲେ ମଧ ଏହା ଯେ ଏକ ଅତ୍ୟନ୍ତ ଆକର୍ଷଣକାରୀ ଭ୍ରମ, ସେ କଥା ସ୍ୱୀକାର କରିବାକୁ ହିଁ ପଡିବ ।

ମୋତେ ସ୍ୱୀକାର କରିବାକୁ ହେବ ଯେ, ମୁଁ ଏ ପର୍ଯ୍ୟନ୍ତ ବଲଶେଭିମ୍ ଶବ୍ଦର ଅର୍ଥଟିକୁ ସମ୍ପୂର୍ଣ୍ଣଭାବରେ ବୁଝିବାକୁ ସମର୍ଥ ହୋଇ ନାହିଁ । ମୁଁ ଯେତିକି ଜାଣିଛି, ତାହା ହେଉଛି ଯେ, ତାହା ବ୍ୟକ୍ତିଗତ ସମ୍ପତ୍ତିର ଅନୁଷ୍ଠାନଟିକୁ ଲୋପ କରିଦେବାକୁ ଆପଣାର ଲକ୍ଷ୍ୟରୂପେ ଗ୍ରହଣ କରିଛି । ଏହାକୁ ଅର୍ଥନୀତିର କ୍ଷେତ୍ରରେ କେବଳ ଅପରିଗ୍ରହର ନୈତିକ ଆଦର୍ଶଟିକୁ ପ୍ରୟୋଗ କରିବା ବୋଲି ହିଁ କୁହାଯିବ ଏବଂ ଯଦି ଲୋକମାନେ ସ୍ୱତଃପ୍ରବୃତ୍ତ ହୋଇ ଏହି ଆଦର୍ଶଟିକୁ ଗ୍ରହଣ କରିନିଅନ୍ତି ଅଥବା ଶାନ୍ତିପୂର୍ଣ୍ଣ ଭାବରେ ସେମାନଙ୍କୁ ପ୍ରବର୍ତ୍ତାଇ ସେମାନଙ୍କ ଦ୍ୱାରା ଏହାକୁ ଗୃହୀତ କରି ନିଆଯାଏ, ତେବେ ଏହାଠାରୁ ବଳି ଭଲ କଥା ଆଉ କ'ଣ ଅଛି ?

ମାତ୍ର ବଲ୍‌ଶେଭିଜ୍‌ମ ବିଷୟରେ ମୁଁ ଯାହା ଜାଣିଛି, ଏହା ଯେ ବଳର ପ୍ରୟୋଗକୁ କେବଳ ବର୍ଜନ ନକରୁଛି ତା' ନୁହେଁ, ମାତ୍ର ବ୍ୟକ୍ତିଗତ ସମ୍ପତ୍ତିକୁ ବାଜ୍ୟାପ୍ତ କରି ନେବା ପାଇଁ ଓ ତାହା ଉପରେ ରାଷ୍ଟ୍ରର ସାମୂହିକ ମାଲିକାନାକୁ ଜାରି କରି ରଖିବା ପାଇଁ ତାହା ମୁକ୍ତଭାବରେ ହିଂସାର ପ୍ରୟୋଗକୁ ସମର୍ଥନ ମଧ କରୁଛି । ଯଦି ତାହାହିଁ ହୋଇଥାଏ, ତେବେ ଏ କଥାଟିକୁ କହିବାରେ ମୁଁ ଆଦୌ କୁଣ୍ଠିତ ହେବି ନାହିଁ ଯେ, ଆପଣାର ବର୍ତ୍ତମାନ ରୂପରେ ବଲଶେଭିକ୍ ଶାସନ ବ୍ୟବସ୍ଥା କଦାପି ଦୀର୍ଘସ୍ଥାୟୀ ହୋଇ ରହି ପାରିବ ନାହିଁ । କାରଣ, ଏହା ମୋ'ର ଦୃଢ଼ ବିଶ୍ୱାସ ଯେ, ହିଂସାକୁ ଆଧାର କରି ସ୍ଥାୟୀ ଭାବରେ ଆଦୌ କୌଣସି କିଛିର ନିର୍ମାଣ ସମ୍ଭବ ହେବ ନାହିଁ ।

# ଲାଭଦାୟକ ଗୋଲମରିଚ



ଭୋଜନରେ ଗୋଲମରିଚ ବ୍ୟବହାର ଯେ କେବଳ ସ୍ୱାଦ ବଢ଼ାଇବା ପାଇଁ ହୁଏ ଭାବିବା ସମ୍ପୂର୍ଣ୍ଣ ଭୁଲ୍ । ଅନେକ କ୍ଷେତ୍ରରେ ଏହାର ବ୍ୟବହାର ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । ଗୋଲମରିଚକୁ କୌଣସି ଔଷଧ ସହ ସେବନ କଲେ ତାହା ଔଷଧର ପ୍ରଭାବକୁ ବୃଦ୍ଧି କରିଥାଏ । ଏଥିରେ କ୍ୟାଲସିୟମ୍ ଫସଫରସ୍ ଏବଂ ଆଇରନ ଭଳି ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ମହଜୁଦ୍ ଥାଏ । ଲେମ୍ବୁ ପାଣି ସହ ଗୋଲମରିଚ ଏବଂ କଳାଲୁଣ ମିଶାଇ ଦୈନନ୍ଦିନ ସେବନ କଲେ ପାଚନତନ୍ତ୍ର ମଜଭୁତ୍ ରହିଥାଏ । କାଶ ଏବଂ କଫ ଭଲ କରିବାରେ ମଧ ଏହା ସହାୟକ ହୋଇଥାଏ । ଗୋଲମରିଚ ଗୁଣ୍ଡରେ ସାମାନ୍ୟ ଘିଅ ମିଶାଇ ଖାଦ୍ୟ ସହ ସେବନ କରିପାରିବେ । ଏହାଦ୍ୱାରା କାଶ ଯୋଗୁଁ ହେଉଥିବା ଗଳା ଏବଂ ଛାତି ଯନ୍ତ୍ରଣାରୁ ଲାଘବ ମିଳିଥାଏ । ଉଷୁମ ପାଣିରେ ଗୋଲମରିଚ ଗୁଣ୍ଡ ମିଶାଇ କୁଳି କଲେ ଦାନ୍ତ ମାଢ଼ି ମଜଭୁତ୍ ହୋଇଥାଏ ।

## କଞ୍ଚାଲଙ୍କାର ଉପକାରିତା

ଭାରତ ଏମିତି ଏକ ଦେଶ ଯେଉଁଠାରେ କଞ୍ଚା ଲଙ୍କାର ପ୍ରୟୋଗ ଖାଇବା ସମୟରେ ଅଧିକ କରାଯାଏ । ସବୁଜ କଞ୍ଚା ଲଙ୍କା ଏକ ଔଷଧ ପରି ମଧ ବ୍ୟବହାର କରାଯାଇପାରେ । କାରଣ ଏଥିରେ ରୋଗ ନିବାରଣ କରିବାର ଶକ୍ତି ରହିଛି । କଞ୍ଚା ଲଙ୍କାରେ ପୋଷକତତ୍ତ୍ୱ ଯେମିତିକି ଭିଟାମିନ-ଏ, ସି, ଆଇରନ, ପୋଟାସିଅମ, ପ୍ରୋଟିନ ଇତ୍ୟାଦି ଭରପୂର ପରିମାଣରେ ରହିଛି । ମହିଳାଙ୍କ କ୍ଷେତ୍ରରେ ଏହା ବେଶ୍ ଲାଭଦାୟକ ହୋଇଥାଏ ।

ଯଦି ଆପଣଙ୍କର ରକ୍ତଚାପ ଅଧିକ ରହିଛି ତେବେ କଞ୍ଚା ଲଙ୍କା - ଖାଇବାଦ୍ୱାରା ଲାଭ ମିଳିଥାଏ । ଏହାଛଡ଼ା ମଧୁମେହ ହୋଇଥିବା - ବ୍ୟକ୍ତିମାନେ ମଧ ଏହାକୁ ଖାଇପାରିବେ । କଞ୍ଚା ଲଙ୍କାରେ ଭରପୂର ମାତ୍ରାରେ ତନ୍ତୁ ଥିବାରୁ ଏହା ଆମ ଶରୀରରେ ପାଚନ କ୍ରିୟାରେ ସହାୟକ ହୋଇଥାଏ । ପ୍ରାୟତଃ ମହିଳାଙ୍କଠାରେ ଆଇରନର ପରିମାଣ କମଥାଏ । ଏଥିପାଇଁ ଖାଇବା ସମୟରେ ପ୍ରତିଦିନ କଞ୍ଚା ଲଙ୍କା ଖାଇଲେ ଆଇରନ ବୃଦ୍ଧି ପାଇଥାଏ । କଞ୍ଚା ଲଙ୍କାରେ ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ରହିଥିବାରୁ ଏହା ସଂକ୍ରମଣରୁ ରକ୍ଷା କରିଥାଏ । ତେଣୁ କଞ୍ଚା ଲଙ୍କା



ଖାଇବାଦ୍ୱାରା ଆପଣଙ୍କ ତ୍ୱଚାରେ କୌଣସି ପ୍ରକାରର ଆଲର୍ଜି ବା ସଂକ୍ରମଣ ହେବନାହିଁ । ଯେଉଁମାନଙ୍କର ଆଜ୍ମା ଭଳି ସମସ୍ୟା ରହିଥାଏ ସେମାନେ କଞ୍ଚା ଲଙ୍କାର ରସ ସହ ମହୁ ମିଶାଇ ସେବନ କରିଲେ ଏହା ନିୟନ୍ତ୍ରଣ ହୋଇଥାଏ । କଞ୍ଚା ଲଙ୍କାରେ ଆଣ୍ଟି ଅକ୍ସିଡାଣ୍ଟ ଥିବାରୁ ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । କଞ୍ଚା ଲଙ୍କାରେ ଭିଟାମିନ ପ୍ରଚୁର ପରିମାଣରେ ରହିଥିବାରୁ ଏହା ତ୍ୱଚା ପାଇଁ ଲାଭଦାୟକ ହୋଇଥାଏ । ସବୁଜ ଲଙ୍କା ଖାଇବାଦ୍ୱାରା ଓଜନକୁ ନିୟନ୍ତ୍ରଣ ହୋଇଥାଏ । କିଛି ମହିଳା କହନ୍ତି ଯେ, ସବୁଜ ଲଙ୍କା ସମେତ ମସଲାଯୁକ୍ତ ଖାଦ୍ୟ ସେବନ କରିବା ଦ୍ୱାରା ଏଣ୍ଡୋର୍ଫିନ୍ ବାହାରିବା କାରଣରୁ ମାସିକ ଧର୍ମ ସମୟରେ ହେଉଥିବା ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

## କ୍ୟାନସର ପାଇଁ ହଳଦୀ

ହଳଦୀ ଘରେ ଘରେ ମିଳୁଥିବା ଏକ ସହଜ ତଥା ସ୍ୱାସ୍ଥ୍ୟପ୍ରଦ ମସଲା । ବ୍ୟଞ୍ଜନରେ ବ୍ୟବହୃତ ହଳଦୀ ପାଟିକୁ ଯେତିକି ସ୍ୱାଦିଷ୍ଟ, ସ୍ୱାସ୍ଥ୍ୟଗତ ସମସ୍ୟାର ନିଦାନରେ ଏହାର ଯୋଗଦାନ ତା'ଠୁ ଅଧିକ । ସବୁଠୁ ବଡ଼ କଥା ବିଭିନ୍ନ ପ୍ରକାର କ୍ୟାନସରରୁ ରକ୍ଷା କରିବାରେ ହଳଦୀକୁ ମହୌଷଧି ଭାବେ ଗ୍ରହଣ କରାଯାଉଛି ।

ଭାରତରେ ହଳଦୀର ବ୍ୟବହାର ମସଲା, ସୌନ୍ଦର୍ଯ୍ୟ ସାଧନ ତଥା ବିଭିନ୍ନ ରୋଗର ନିଦାନ ପାଇଁ କରାଯାଏ । କିନ୍ତୁ ଜାଣନ୍ତି ହଳଦୀ ମାରାତ୍ମକ କ୍ୟାନସର ରୋଗକୁ ମଧ କିଛି ମାତ୍ରାରେ ହ୍ରାସ କରିବାର ଗୁଣ ବହନ କରିଛି । ହଳଦୀରେ ଜଳ, ପ୍ରୋଟିନ୍, ଖଣିଜପଦାର୍ଥ, ଫାଇବର, ମାଙ୍ଗାନିଜ୍, ପଟାସିୟମ, କାର୍ବୋହାଇଡ୍ରେଟ୍, କ୍ୟାଲସିୟମ, ଫସ୍‌ଫରସ୍, ଆଇରନ୍, ଓମେଗା ୩ ଏବଂ ଓମେଗା ୬ ଫାଟି ଏସିଡ୍, ଭିଟାମିନ୍ ଏ, ଭିଟାମିନ୍-ବି, ଭିଟାମିନ୍ -ସି ଭଳି ତତ୍ତ୍ୱ ତଥା କ୍ୟାଲୋରୀ ଭରପୂର ରହିଛି । ହଳଦୀରେ ଥିବା କରକୁମିନ୍ କ୍ୟାନସର ଚିକିତ୍ସାରେ ବେଶ୍ ସହାୟ ହୋଇଥାଏ ।


ଆୟୁର୍ବେଦରେ ହଳଦୀକୁ ଏକ ମହତ୍ତ୍ୱପୂର୍ଣ୍ଣ ଔଷଧ ରୂପେ ବିବେଚିତ କରାଯାଇଛି । ବିଭିନ୍ନ ଗବେଷଣାରୁ ମଧ ପ୍ରମାଣିତ ହୋଇଛି କ୍ୟାନସର ଚିକିତ୍ସା କ୍ଷେତ୍ରରେ ଏହା ଲାଭପ୍ରଦାନ କରିଥାଏ । ଏଥିରେ ପ୍ରଭାବଶାଳୀ ଉପଚାର ଶକ୍ତି ରହିବା ସହ ସ୍ୱାସ୍ଥ୍ୟ ପାଇଁ ଏହା ସମ୍ପୂର୍ଣ୍ଣ ସୁରକ୍ଷିତ । କୌଣସି ପ୍ରକାର ପାର୍ଶ୍ୱପ୍ରତିକ୍ରିୟା ଏଥିରେ ନ ଥାଏ । ଏହା ସବୁଠୁ ଉତ୍ତମ ଆଣ୍ଟିଅକ୍ସିଡାଣ୍ଟ ଯାହା କ୍ୟାନସର ନିୟନ୍ତ୍ରଣରେ ସାହାଯ୍ୟ କରିଥାଏ । ହଳଦୀ କ୍ୟାନସର ଜୀବାଣୁର ସଂକ୍ରମଣ ମାତ୍ରା କମ୍ କରିବାରେ ସାହାଯ୍ୟ କରେ । ଏହାର ଦୈନନ୍ଦିନ ସେବନ କ୍ୟାନସର ଆଶଙ୍କାକୁ ମଧ ହ୍ରାସ କରିଥାଏ । ହଳଦୀରେ ଗୋଲମରିଚ ମିଶାଇ ସେବନ କଲେ ସ୍ତନ କର୍କଟ ଭଳି ଭୟଙ୍କର ରୋଗକୁ ନିୟନ୍ତ୍ରଣ କରାଯାଇପାରେ । ସ୍ତନ କର୍କଟ ଆଶଙ୍କା ବୃଦ୍ଧି କରୁଥିବା କୋଷିକାକୁ ବୃଦ୍ଧି ହେବାରେ ଏହା ବାଧା ସୃଷ୍ଟି କରିଥାଏ । ହଳଦୀରେ ରହିଛି କ୍ୟାନସରନାଶକ



ଗୁଣ । ଏଥିରେ ଫେନୋଲିକ୍ ଯୌଗିକ କରକ୍ୟୁମିନ୍ ଥାଏ, ଯାହା କ୍ୟାନସରଗ୍ରସ୍ତ ଅଙ୍ଗକୁ ସୁରକ୍ଷା ପ୍ରଦାନ କରିଥାଏ । କେବଳ ସେତିକି ନୁହେଁ, ହଳଦୀରେ ଥିବା କରକୁମିନ୍‌କୁ ଯେତେ ବେଳେ ସିସ୍‌ପ୍ଲାଟିନରେ ମିଶାଯାଏ, ସେତେବେଳେ ମସ୍ତିଷ୍କ ଏବଂ ଗଳା କର୍କଟ ଚିକିତ୍ସାରେ ଏହା ବିଶେଷ ପ୍ରଭାବ ପକାଇଥାଏ । କହିବାକୁ ଗଲେ ବିଭିନ୍ନ ପ୍ରକାର କ୍ୟାନସରରୁ ରକ୍ଷା ପାଇବାର ଗୋଟିଏ ମାତ୍ର ଔଷଧ ହଳଦୀ ।

## ଆପଣ ଜାଣନ୍ତି କି ?


- ଦିନ ଅପେକ୍ଷା ରାତି ସମୟରେ ମସ୍ତିଷ୍କ ଅଧିକ ସକ୍ରିୟ ଥାଏ ।
- ଜନ୍ମ ପରେ ନାକ, କାନର ଆକାର ବଢ଼ିଥାଏ, ଆଖିର ଆକାର ସ୍ଥିର ରହେ ।
- ଜିଭ ସର୍ବାଧିକ ଶକ୍ତିଶାଳୀ । ମାଂସପେଶୀ ଓ ମାଢ଼ି ଅସ୍ଥି ସବୁଠୁ ଟାଣ ।
- ପୁରୁଷ ଶରୀରର ଆନୁମାନିକ ରକ୍ତ ପରିମାଣ ୬.୮ ଲିଟର୍ ଓ ମହିଳାଙ୍କର ପାଞ୍ଚ ଲିଟର ।
- ରକ୍ତପ୍ରବାହ ହେଉ ନ ଥିବା ଏକ ମାତ୍ର ଅଙ୍ଗ ଆଖିର କର୍ନିଆ, ଏହା ବାୟୁମଣ୍ଡଳର ଅମ୍ଳଜାନ ନିଏ ।
- ପୁରୁଷଙ୍କ ତୁଳନାରେ ମହିଳାଙ୍କ ହୃଦସ୍ପନ୍ଦନ ଅଧିକ କ୍ଷିପ୍ର, ଆଘ୍ରାଣ ଶକ୍ତି ବି ଅଧିକ ।
- ପ୍ରତି ମିନିଟରେ ତିନି ଶହ ନିୟୁତ କୋଷ ଶରୀରରେ ସମାଧି ନିଅନ୍ତି ଏବଂ ଦିନକୁ ତିନି ଶହ କୋଟି ନୂଆ କୋଷ ଜନ୍ମ ହୁଅନ୍ତି ।



- ଶରୀରର ସମୁଦାୟ ଅସ୍ଥିର ଅଧା ରହିଛି କେବଳ ହାତ ଓ ପାଦରେ ।
- ଜୀବନକାଳ ମଧ୍ୟରେ ଜଣେ ମଣିଷର ଜିଭରୁ ଝରୁଥିବା ସମୁଦାୟ ଲାଳ ଦୁଇଟି ସନ୍ତରଣ କୁଣ୍ଡ ପାଇଁ ଯଥେଷ୍ଟ ।
- ଦଶ ବର୍ଷରେ ଥରେ କଙ୍କାଳର ଗଠନ ପ୍ରକ୍ରିୟାରେ ସ୍ୱତଃପରିବର୍ତ୍ତନ ଘଟେ ।
- ହୀରାକୁଦ ପୃଥିବୀର ଦୀର୍ଘତମ ଡ୍ୟାମ୍ ହୋଇଥିବା ବେଳେ ଏସିଆର ସବୁଠାରୁ ବଡ଼ କୃତ୍ରିମ ହ୍ରଦ ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଖାରୁଫୁଲ

କଖାରୁ ଫୁଲରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି । ନିକଟରେ ଏହି ତାଲିକାରେ ଆଉ ଏକ ଭଲ ଗୁଣକୁ ସାମିଲ କରାଯାଇଛି । ତାହା କ'ଣ ଜାଣନ୍ତି ? ପ୍ରାୟ ନିୟମିତ କଖାରୁ ଫୁଲରୁ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହାର ଭଲ ପ୍ରଭାବ ରୋଗ ପ୍ରତିରୋଧକ ଶକ୍ତି ଉପରେ ପଡିଥାଏ । ଅର୍ଥାତ୍ ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଆହୁରି ଦୃଢ଼ ହୋଇଥାଏ । ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ୱାସିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏହା ଉପରେ ଏକ ସର୍ଭେ କରିଥିଲେ । ନିୟମିତ କଖାରୁଫୁଲ ଖାଉଥିବା ବ୍ୟକ୍ତିମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କିପରି ରହୁଛି ତାହାକୁ ସେମାନେ ଭଲ ଭାବରେ ନିରୀକ୍ଷଣ କରିଥିଲେ । ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି ଆହୁରି ଦୃଢ଼ ହେବା ପଛରେ କଖାରୁ ଫୁଲର ଭୂମିକା ଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



କଖାରୁ ଫୁଲରେ ଭିଟାମିନ୍ 'ସି' ରହିଛି । ଏହାକୁ ଖାଇଲେ ଥଣ୍ଡା, କାଶ, କଫରୁ କେତେକାଂଶରେ ଉପଶମ ମିଳିଥାଏ । ଏଥିରେ ଭିଟାମିନ୍ 'ଏ' ମଧ ଭରି ରହିଛି । ତେଣୁ କଖାରୁଫୁଲ ଦୃଷ୍ଟି ଶକ୍ତି ମଧ ବୃଦ୍ଧି କରିଥାଏ । କେବଳ ସେତିକି ନୁହେଁ, ଏହା ଅନ୍ଧାରକଣା ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହାକୁ ଖାଇଲେ ତାହା ଶରୀରରେ ଶୁଦ୍ଧ ଅମ୍ଳଜାନ ମଧ ତିଆରି କରିଥାଏ । କଖାରୁ ଫୁଲରେ କ୍ୟାଲସିୟମ୍ ଓ ଫସ୍‌ଫରସ୍ ପ୍ରଚୁର ପରିମାଣରେ ରହିଛି, ଯାହା ଅସ୍ଥି ଏବଂ ଦାନ୍ତକୁ ମଜଭୁତ କରିବାରେ ସାହାଯ୍ୟ କରେ ।

## ସୁପରଫୁଡ୍ ବନ୍ଧାକୋବି

ବନ୍ଧାକୋବି ଏପରି ଏକ ପରିବା ଯାହା ସବୁ ଋତୁରେ ବଜାରରେ ମିଳିଥାଏ । ଏଥିରେ ଭିଟାମିନ୍ ଏ, ବି୧, ବି୨, ବି୬, ଇ, ସି, କେ, କ୍ୟାଲସିୟମ୍, ଆଇରନ୍, ଆୟୋଡିନ୍, ପୋଟାସିୟମ୍, ସଲଫର୍ ଓ ଫୋଲେଟ୍ ପରି ପୋଷକତତ୍ତ୍ୱ ରହିଛି । ଏଥିପାଇଁ ବନ୍ଧାକୋବିକୁ ସୁପରଫୁଡ୍ କୁହାଯାଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞ ମଧ ବନ୍ଧାକୋବିକୁ ଡାଏଟରେ ସାମିଲ କରିବା ପାଇଁ ପରାମର୍ଶ ଦେଇଥା'ନ୍ତି ।



ବନ୍ଧାକୋବିରେ ଇନଡୋଲ୍-୩ କାରବୋନିଲ୍ ନାମରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି, ଯାହା ଲିଭରକୁ ଡିଟକ୍ସିଫାଏ କରିଥାଏ । ଏହାସହ ପାଚନକ୍ରିୟାକୁ ଠିକ୍ ରଖି ହଜମଜନିତ ସମସ୍ୟାକୁ ଦୂର କରିଥାଏ ।

ବନ୍ଧାକୋବିରେ ଥିବା ଭିଟାମିନ୍ ସି ଓ ସଲଫର୍ ଶରୀରରୁ ଟକ୍ସିନ୍ ବାହାର କରି ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ । ଏଥିରେ ଫାଇବରର ମାତ୍ରା ଅଧିକ ରହିଛି । ତେଣୁ ବନ୍ଧାକୋବି ଖାଇଲେ ପେଟ ପୂରି ରହୁଥିବାରୁ ଭୋକ କମ୍ ଲାଗିଥାଏ ଏବଂ ଓଜନ କମ୍ ହୋଇଥାଏ । ବନ୍ଧାକୋବିରେ ବିଟା-କାରୋଟିନ୍, ଲ୍ୟୁଟିନ୍ ପରି ଆଣ୍ଟି-ଅକ୍ସିଡାଣ୍ଟ ରହିଛି, ଯାହା ହାର୍ଟକୁ ସୁସ୍ଥ ରଖିଥାଏ । ଆହୁରି ମଧ ଶରୀରରୁ ଖରାପ କୋଲେଷ୍ଟ୍ରଲକୁ କମ୍ କରିଥାଏ । ଏଥିରେ ଥିବା ଭିଟାମିନ୍ ସି ଶରୀରରେ କୋଲେଜନ୍ ହରମୋନ୍ ବୃଦ୍ଧି କରିଥାଏ, ଯାହା ତ୍ୱଚାକୁ ସୁସ୍ଥ ରଖିବା ସହ ଉଜ୍ଜ୍ୱଳ କରିଥାଏ । ଏହାଦ୍ୱାରା ତ୍ୱଚାରେ ଥିବା ଦାଗ ଦୂର ହୋଇଥାଏ ।

## କହିପାରିବେ କି ?

(୧) କେଉଁ ଦେଶରେ ସର୍ବପ୍ରଥମେ 'ପ୍ରସାର' ଶବ୍ଦର ପ୍ରୟୋଗ ହୋଇଥିଲା ?
(୨) ଇରାକର ପ୍ରାଚୀନ ନାମ କ'ଣ ?
(୩) ଅନ୍ତରାଷ୍ଟ୍ରୀୟ ମାନବ ମହାକାଶ ଉଡାଣ ଦିବସ କେବେ ପାଳନ କରାଯାଇଥାଏ ?
(୪) ବିଶ୍ୱ ଟେଲିଭିଜନ ଦିବସ ପ୍ରଥମେ କେଉଁ ବର୍ଷ ଆରମ୍ଭ ହୋଇଥିଲା ?
(୫) ଯେତେବେଳେ ସିକନ୍ଦର ଭାରତ ଉପରେ ଆକ୍ରମଣ କଲା ସେତେବେଳେ ମଗଧର ଶାସକ କିଏ ଥିଲେ ?
(୬) ଦିବ୍ୟ ଜୀବନ ସଂଘର ସଂସ୍ଥାପକ କିଏ ଥିଲେ ?
(୭) ବୀରବଲଙ୍କ ପ୍ରକୃତ ନାମ କ'ଣ ?
(୮) ସାମ୍ୟବାଦୀ ଘୋଷଣା ପତ୍ର କେବେ ପ୍ରକାଶିତ ହୋଇଥିଲା ?
(୯) 'ରାଜାଙ୍କୁ ମନ୍ଦିରର ଧନ ଜବତ କରିନେବା ଉଚିତ' କିଏ କହିଥିଲେ ?
(୧୦) କଳାମାଟି କେଉଁ ଫସଲ ପାଇଁ ସର୍ବାଧିକ ଉପଯୋଗୀ ?

### JUMBLE WORDS

| | | | |
|---|---|---|---|
| 1) LAMAL | = | 6) NAPKL | = |
| 2) DARUF | = | 7) CPITKE | = |
| 3) GILAOE | = | 8) CAUTLA | = |
| 4) LANTEG | = | 9) TUQSE | = |
| 5) TUBAO | = | 10) GILLO | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ମନପ୍ରିତ ସିଂ, ୨. ଧନଲକ୍ଷ୍ମୀ , ୩. ମୁମ୍ବାଇ ସିଟି ଏଫସି , ୪. ମିତାଲୀ ରାଜ, ୫.୨୦୨୫, ୬. ଉତ୍ତରାଖଣ୍ଡ, ୭. ୟୁରୋପୀୟ ବାଳିକା ଗଣିତ ଅଲମ୍ପିଏଡ ଟିମ୍ , ୮. ଆଲପାଇନ୍ ବୃକ୍ଷ, ୯. ସ୍ୱାତୀ ସଙ୍ଗୀତା ପୁରସ୍କାର ୨୦୨୦, ୧୦. ବିଶ୍ୱ ମହିଳା ଦିବସ ।

***Jumble Words* ର ଉତ୍ତର :-**

(1) OBLONG (2) NUANCE (3) BOOTH (4) DECAY (5) UNWISE (6) LAGOON (7) TRACT (8) BRAVO (9) TENANT (10) BOOKIE

# ସମ୍ବଲପୁର ପାଇଁ ବି ଫ୍ଲାଏଆସ୍ ସୃଷ୍ଟିକଲାଣି ସମସ୍ୟା

ସମ୍ବଲପୁର : ଝାରସୁଗୁଡ଼ା ଜିଲ୍ଲାରେ ପାଉଁଶ ପୋତିବା ପାଇଁ ସ୍ଥାନଭାବ ଦେଖା ଦେଇଥିବା ବେଳେ ସେଠାକାର କାରଖାନାର ପାଉଁଶ ଏବେ ସମ୍ବଲପୁର ଜିଲ୍ଲାରେ ବେନିୟମ ଭାବେ ପକାଯାଉଛି । ପୂର୍ବରୁ ଗୋଟିଏ କାରଖାନାର ପାଉଁଶ ପଡୁଥିବା ବେଳେ ସେଠାରେ ଅନ୍ୟ କାରଖାନାମାନେ ବି ସମ୍ବଲପୁର ଜିଲ୍ଲାକୁ ନିଜର ଚରାଭୂଇଁରେ ପରିଣତ କରିଦେଲେଣି । ପ୍ରାୟ ଏକ ବର୍ଷ ହେଲା କାରଖାନାଗୁଡ଼ିକର ଉତ୍ପାତ ସମ୍ବଲପୁର ଜିଲ୍ଲାରେ ଲାଗି ରହିଥିଲେ ହେଁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଏଥିରେ ସଂପୃକ୍ତି ରହିଥିବାରୁ ପ୍ରଶାସନ ବାଧ ହୋଇ ନିରବଦ୍ରଷ୍ଟା ସାଜିଛି ।

ଗତ ବର୍ଷ ସମ୍ବଲପୁର ଜିଲ୍ଲା ଯୁଯୁମୁରା ତହସିଲ ଅନ୍ତର୍ଗତ କବରାପାଲି ପଞ୍ଚାୟତ ନୀଳଡୁଙ୍ଗୁରିରେ ବେଆଇନ୍ ପାଉଁଶ ପକାଇବାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ପାଖାପାଖି ୧୦ ଏକର ଜମିରେ ବେଆଇନ ଭାବେ ପାଉଁଶ ପକାଯାଇଥିଲା । ନୀଳଡୁଙ୍ଗୁରି, କୁଡ଼ାପଡ଼ା, ବାଡ଼ାପଡ଼ା, ପଇଡ଼ାମାଲ, ବେଲଡୁଙ୍ଗୁରି, ତୁରିପଡା, କୁଟୁରାଜୁରି, ମାଲିପଡ଼ା ଭଳି ଗ୍ରାମବାସୀ ଗତ ଜୁନ୍ ୨୦୨୩ରେ ଜିଲ୍ଲାପାଳ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗରେ ଅଭିଯୋଗ କରିବା ପରେ ଏହା ପାଉଁଶ ପରିବହନ ବନ୍ଦ କରାଯାଇଥିଲା । ତେବେ, ଏହା ଲୋକଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପକାଇଛି । ଉର୍ବର ଚାଷ ଜମିରେ ମାଡ଼ି ଯାଇଛି । ଜମିର ଉର୍ବରତା ନଷ୍ଟ ହୋଇଥିଲା । ଅନ୍ୟ ପକ୍ଷରେ ପାଉଁଶ ଗୁଣ୍ଡ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ବି ପ୍ରଭାବ ପକାଉଥିବା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ । ସ୍ଥାନୀୟ ଲୋକେ ଏହି ପାଉଁଶ ହଟାଇବା ନିମନ୍ତେ ପ୍ରଶାସନର ଦ୍ୱାରସ୍ଥ ହେବା ପରେ ବି କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ସେହିପରି ମାନେଶ୍ୱର ତହସିଲ ଅଂଚଳରେ ପାଉଁଶ ମାଫିଆଙ୍କ ଏଭଳି ଉତ୍ପାତ ଦେଖିବାକୁ ମିଳିଥିଲା । ବଲାଙ୍ଗା ମୌଜାର ଏକ ପରିତ୍ୟକ୍ତ ପଥର ଖାଦାନରେ ବେଆଇନ ଭାବେ ପାଉଁଶ ପୋତା ଯାଇଥିଲା । ଏକ ସାମାଜିକ ସଂଗଠନ ପକ୍ଷରୁ ଅଭିଯୋଗ ହେବା ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସମ୍ବଲପୁର ଆଂଚଳିକ କାର୍ଯ୍ୟାଳୟର ଏକ ଅଧିକାରୀ ଦଳ ବଲାଙ୍ଗା ପଥରକ୍ୱାରିକୁ ନିରୀକ୍ଷଣ ପାଇଁ ଯାଇଥିଲେ । ନିରୀକ୍ଷଣ ସମୟରେ ଏହି ପଥର ଖାଦାନରେ ପ୍ରାୟ ୧ ଲକ୍ଷ ଟନ୍ ପାଉଁଶ ପୋତାଯାଇଥିବା ଆକଳନ କରାଯାଇଥିଲା । ଏହି ପଥର ଖାଦାନ ରାଜସ୍ୱ ବିଭାଗ ଅଧୀନରେ ଆସୁଥିବାରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜରିମାନା (ପ୍ରଦୂଷଣ ଦେୟ) ନ କଷି ରାଜସ୍ୱ ବିଭାଗ ପକ୍ଷରୁ ପଥର କ୍ୱାରି ମାଲିକ ଓ ପାଉଁଶ ପରିବହନ କରୁଥିବା ସଂସ୍ଥା ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଆରଡିସିଙ୍କ ସଚିବଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଥିଲେ । କେବଳ ସେତିକି ନୁହେଁ, ପରଧିଆପାଲି ନିକଟରେ ଥିବା ସଂରକ୍ଷିତ ଜଂଗଲରେ ବି ପାଉଁଶ ମାଫିଆଙ୍କ ପାଉଁଶ ପକାଇବାକୁ ଛାଡ଼ି ନ ଥିଲେ । ବନ ବିଭାଗ ପକ୍ଷରୁ ସେହି ସମୟରେ କେତୋଟି ଗାଡ଼ିକୁ ଜବତ କରାଯାଇ ଥିଲେ ହେଁ ପରବର୍ତ୍ତି ସମୟରେ ଛାଡ଼ି ଦିଆଯାଇଥିଲା । ଗତ ବର୍ଷ ଭଳି ରାଜରାସ୍ତା ପାର୍ଶ୍ୱରେ ପାଉଁଶ ପକା ଜାରି ରହିଛି । ଚଳିତ ବର୍ଷ ପୁଣି ଯୁଯୁମୁରା ଓ ମାନେଶ୍ୱର ତହସିଲ ସହିତ ସମ୍ବଲପୁର ମହାନଗର ଅଂଚଳରେ ଏଭଳି ପାଉଁଶ ପକାଇବା ଜାରି ରହିଛି । ଯୁଯୁମୁରା ତହସିଲର ଜାମଟାଲ ନିକଟରେ ଏକ ଜଳାଶୟ ପାଲଟିଥିବା ପରିତ୍ୟକ୍ତ ପଥର ଖାଦାନରେ ପାଉଁଶ ପକାଇବାକୁ ନେଇ ଗ୍ରାମବାସୀମାନେ ବାରମ୍ବାର ପ୍ରତିବାଦ କରୁଛନ୍ତି । ବେଆଇନ ଭାବେ ପାଉଁଶ ପୋତାଯାଇଥିଲେ ବି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ । ଏଥିରେ ବି ଜଣେ ପ୍ରଭାବଶାଳୀ ନେତାଙ୍କ ସଂପର୍କୀୟ ସଂପୃକ୍ତ ଥିବାରୁ ପ୍ରଶାସନ ଠୋସ୍ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କିଛିଦିନ ତଳେ ରେଙ୍ଗାଲି ବ୍ଲକ୍ ଠେଲ୍କୁଲି ଥାନା ଅଞ୍ଚଳରେ ଅନ୍ୟ ଏକ କାରଖାନା ଦ୍ୱାରା ପାଉଁଶ ପ୍ରକାଯାଉଥିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ । ଗ୍ରାମବାସୀଙ୍କ ବିରୋଧ ପରେ ଠେଲ୍କୁଲି ପୁଲିସ ସେଠାରେ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରିଥିଲା । ଗ୍ରାମବାସୀଙ୍କ ବିରୋଧ କରୁଥିବାରୁ ପାଉଁଶ ପରିବହନ ବେପାରୀମାନେ ଦିନ ପରିବର୍ତ୍ତେ ରାତ୍ରି ସମୟରେ ପାଉଁଶ ପକାଉଛନ୍ତି ।

ରେଙ୍ଗାଲି ବ୍ଲକ୍ ହୀରାକୁଦ ଜଳଭଣ୍ଡାର ନିକଟ ଝାରମୁଣ୍ଡା ଗାଁ ବାବୁଚକୁଳି ମୌଜାରେ ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜିର ପାଉଁଶ ପାହାଡ଼ ଭଳି ଗଦା ହୋଇଛି । ଯାହାର ପରିମାଣ ପ୍ରାୟ ୧୯ ଲକ୍ଷ ୯୯ ହଜାର ୮୦୪ ମେଟ୍ରିକ ଟନ୍ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଜସ୍ୱ ଓ ଜଙ୍ଗଲ ବିଭାଗ ପକ୍ଷରୁ ଯୁଗ୍ମ ତଦନ୍ତ ସମୟରେ ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ୨୦୨୩ ମସିହା ଜୁନ ୬ ତାରିଖରେ ନିର୍ଦ୍ଦେଶ ହୋଇଥିଲା । ବେଆଇନ ଡମ୍ପିଂ ଯୋଗୁଁ ଏହି ପାଉଁଶର ଉପଯୁକ୍ତ ଉପଯୋଗ କରାଯାଇ ପାରିନାହିଁ । ବେଆଇନ ପାଉଁଶ ଡମ୍ପିଂ ଅଭିଯୋଗରେ ସମ୍ବଲପୁର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୧୯୯ କୋଟି ୯୮ ଲକ୍ଷ ୪ ହଜାର ଟଙ୍କା ଜରିମାନା କରିଛି । ସମ୍ବଲପୁରର ବିକାଶରେ ଝାରସୁଗୁଡ଼ାର ଏସବୁ କଂପାନିର ଟିକିଏ ବି ଭୂମିକା ନ ଥିବା ବେଳେ ସମ୍ବଲପୁର ଜିଲ୍ଲାର ଲୋକଙ୍କ ବେଆଇନ ଭାବେ ଏଣେତେଣେ ପାଉଁଶ ପକାଯିବାର ପରିଣାମ ଭୋଗିବାକୁ ପଡୁଛି ।

ଗତ ଏପ୍ରିଲ ୨୦୨୩ ମସିହାରୁ ମାର୍ଚ୍ଚ ୨୦୨୫ ମଧ୍ୟରେ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ୩୧ଟି ସ୍ଥାନରେ ବେଆଇନ ଭାବେ ଶହ ଶହ ଟ୍ରକ୍ ପାଉଁଶ ପକାଯାଇଥିବା ଜଣାପଡ଼ିଛି । ପାଉଁଶ ପକାଇଥିବା କେତେକ କାରଖାନା ବିରୋଧରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୋଟି କୋଟି ଟଙ୍କା ଜରିମାନା କଷାଯାଇଛି । ହେଲେ, କୌଣସି କାରଖାନା ଏପର୍ଯ୍ୟନ୍ତ ଟଙ୍କାଟିଏ ମଧ ଦେଇ ନ ଥିବା ଜଣାପଡ଼ିଛି ।

ପ୍ରାପ୍ତ ସୂଚନା ଅନୁସାରେ, ବିଗତ ଦୁଇ ଆର୍ଥିକ ବର୍ଷର ଅବଧି ମଧ୍ୟରେ ବରଗଡ଼ ଜିଲ୍ଲାର ବାଲିକୁଲୁଣ୍ଡା, ଦେବାହାଲ ଓ ଚାରପାଲି ନିକଟରେ ବେଆଇନ ଭାବେ କାରଖାନାରୁ ନିର୍ଗତ ବିଷାକ୍ତ ପାଉଁଶ ପକାଯାଇଛି । ସେହିପରି ଏହି ଅବଧି ମଧ୍ୟରେ ସମ୍ବଲପୁର ଜିଲ୍ଲାର ୨୮ଟି ଜାଗାରେ କାରଖାନା ପାଉଁଶ ବେଆଇନ ଭାବେ ପକାଯାଇଛି । ସମ୍ବଲପୁର, ଜମନକିରା ଓ ରେଙ୍ଗାଲି ବ୍ଲକ୍ ଅଂଚଳରେ ଏହି ମହାନଗର ନିଗମ, ଯୁଯୁମୁରା, ମାନେଶ୍ୱର, ପାଉଁଶ ପଡ଼ିଛି । ନିର୍ଦ୍ଦିଷ୍ଟ କେତେକ କାରଖାନା ଜାଗା ଅଭାବରୁ ଏହି ପାଉଁଶ ପକାଇଥିବା ଜଣାପଡ଼ିଛି । ପାଉଁଶ ପଡ଼ିଥିବା ୩୧ଟି ଜାଗା ମଧ୍ୟରୁ ଝାରସୁଗୁଡ଼ା ଜିଲ୍ଲାର କେବଳ ଗୋଟିଏ କଂପାନି ୧୩ଟି ସ୍ଥାନରେ ଏବଂ ଅନ୍ୟ ଦୁଇଟି କଂପାନି ଆଉ ଗୋଟିଏ ଲେଖାଏଁ ଜାଗାରେ ପକାଇଛନ୍ତି । ସମ୍ବଲପୁର ଜିଲ୍ଲାର ଅନ୍ୟ ଏକ କାରଖାନା ୧୦ଟି ଜାଗାରେ ବେଆଇନ ଭାବେ ପାଉଁଶ ପକାଇଛନ୍ତି । ଜିଲ୍ଲାର ଅନ୍ୟ ଗୋଟିଏ ବଡ଼ କଂପାନି ୪ଟି ଜାଗାରେ ମନଇଚ୍ଛା ଶହ ଶହ ଟ୍ରକ୍ ପାଉଁଶ ପକାଇ ପାଉଁଶ ପାହାଡ଼ ସୃଷ୍ଟି କରିଛି । ତେବେ, ଜମନକିରା ବ୍ଲକ୍ର କୁଲୁଣ୍ଡି ଠାରେ ଏବଂ ରେଙ୍ଗାଲି ବ୍ଲକ୍ର ଏକ ସରକାରୀ ଜାଗାରେ ମଧ ପାଉଁଶ ପଡିଛି । କାରଖାନାର ପାଉଁଶ ମାଟି, ପାଣି ଓ ପବନକୁ ବିଷାକ୍ତ କରୁଛି । ପାଉଁଶ ପରିଚାଳନା ନେଇ ଯେଉଁ ସବୁ ନିୟମ ରହିଛି, କାରଖାନାଗୁଡ଼ିକ ତାହାର ଅନୁପାଳନ କରୁନାହାନ୍ତି । ଜଳାଶୟ, ଖେଳପଡ଼ିଆ ଆଦି କିଛି ବି ମାନୁନାହାନ୍ତି ।

ସେହିପରି ହୀରାକୁଦ ସହରର ଚାରିପଟେ ଥିବା ଜଙ୍ଗଲଜମି, ସରକାରୀ ଜମି ଓ ଗୋଚର ଜମିରେ ବିଭିନ୍ନ କଳକାରଖାନା ପକ୍ଷରୁ ବିଷାକ୍ତ ପାଉଁଶଗୁଣ୍ଡ ଡମ୍ପ କରାଯାଇଛି । ଏହାକୁ ସ୍ଥାନୀୟଲୋକେ ତୀବ୍ର ବିରୋଧକରି ପ୍ରଶାସନ ଠାରେ ଅଭିଯୋଗ କରିବା ପରେ ସରକାରୀ ଅଧିକାରୀଙ୍କ ସଲାସୁତୁରାରେ ସମ୍ପୃକ୍ତ ପରିବହନ ଠିକାଦାର ତା' ଉପରେ ମାଟି ପକାଇ ଦେଇଛନ୍ତି । ତେଣୁ ସ୍ଥାନାଭାବରୁ ଏବେ ସମ୍ପୃକ୍ତ ଠିକାଦାରମାନେ ହୀରାକୁଦ–ରେମେଡ ରାସ୍ତା କଡରେ ପାଉଁଶ ଡମ୍ପ କରୁଛନ୍ତି । ଏହି ରାସ୍ତା ହୀରାକୁଦ ସହରର ମୁଖ୍ୟ ପ୍ରବେଶପଥ ହୋଇଥିବାରୁ ପ୍ରତିଦିନ ଏହି ରାସ୍ତାରେ ବଡ ବଡ ସରକାରୀ ଅଧିକାରୀ, ଶିଳ୍ପର ବଡ ଅଧିକାରୀ ମାନେ ଯାତାୟାତ କରୁଛନ୍ତି, ତଥାପି ଏଥିପ୍ରତି ସେମାନଙ୍କ ନଜର ପଡୁନାହିଁ ।

ଏବେ ହୀରାକୁଦ ସହରର ଚାରିପଟ ରାସ୍ତାକଡରେ ପାଉଁଶ ଡମ୍ପ କରାଯାଇ ଥିବାରୁ ଲୋକଙ୍କ ଘର ଭିତରେ ପାଉଁଶଗୁଣ୍ଡ ପଡୁଛି । ଏପରିକି ସଂଗୃହୀତ ପିଇବାପାଣି ଉପରେ ପାଉଁଶଗୁଣ୍ଡର ଏକ ଆସ୍ତରଣ ବସି ଯାଉଥିବା କେତେକ ସହରବାସୀ ଅଭିଯୋଗ କରିଛନ୍ତି । ପ୍ରବଳମାତ୍ରାରେ ପାଉଁଶଗୁଣ୍ଡ ଉଡୁଥିବାରୁ ଏହା ଦୁର୍ଘଟଣାକୁ ମଧ ଆମନ୍ତ୍ରଣ କରୁଛି । ରାସ୍ତାକଡରେ ଏଭଳି ପାଉଁଶଗୁଣ୍ଡ ଡମ୍ପକୁ ତୁରନ୍ତ ରୋକା ନ ଗଲେ ଭୂତଳଜଳ ବିଷାକ୍ତ ହୋଇଯିବ ଏବଂ ଆଉ କିଛିବର୍ଷ ପରେ ଏହାକୁ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ପରିବେଶବିତ୍ ମାନେ କହୁଛନ୍ତି ।

# ଝାରସୁଗୁଡ଼ା ଜିଲ୍ଲାରେ ଶିଳ୍ପାୟନ ଯୋଗୁଁ ବିଭିନ୍ନ ନଦୀର ଅପମୃତ୍ୟୁ !

ଝାରସୁଗୁଡ଼ା : ଝାରସୁଗୁଡ଼ାରେ ଥିବା ପ୍ରାକୃତିକ ଜଳଉତ୍ସକୁ ହତ୍ୟା କରିବା ପାଇଁ ବାରମ୍ବାର ପ୍ରୟାସ ହେଉଛି । ଶିଳ୍ପାନୁଷ୍ଠାନଗୁଡ଼ିକ କେଉଁଠି ନଦୀକୁ ଜବରଦଖଲ କରି ସାରିଲେଣି ତ ଆଉ କେଉଁଠି ନାଳକୁ ହଜେଇ ଦେଲେଣି । ଫଳସ୍ୱରୂପ ଝାରସୁଗୁଡ଼ା ଜିଲ୍ଲାରେ ଥିବା ନଦୀଗୁଡ଼ିକ ଏକ ନାଳର ରୂପ ଧାରଣ କରିସାରିଥିବା ବେଳେ ଅନେକ ନାଳ ଇତିହାସ ପାଲଟିଯାଇଥିବା ନେଇ ଅଭିଯୋଗ ହେଉଛି । ଯାହାର ସଦ୍ୟ ଉଦାହରଣ ହେଉଛି ପଶ୍ଚିମ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ମୂକସାକ୍ଷୀ କୁହାଯାଉଥିବା ଭେଡ଼େନ ନଦୀ । ଐତିହାସିକ ବଣାଇଗଡ଼ରୁ ବାହାରି ଝାରସୁଗୁଡ଼ା ଜିଲ୍ଲା ଖେରୁଆଲ୍ରେ ଇବ୍ ନଦୀ ସହିତ ସଙ୍ଗମସ୍ଥଳ ପୂର୍ବରୁ ହିଁ ନଦୀକୁ ପୋତିଦେବାର ଅଭିଯାନ ଆରମ୍ଭ ହୋଇଛି । ବିଗତ ୨୦ ବର୍ଷରେ ଖେରୁଆଳରେ ନଦୀର ପ୍ରସ୍ଥ ୨ଶହ ମିଟରରୁ ହ୍ରାସ ପାଇ ଏବେ ୫୦ ମିଟରରେ ପହଞ୍ଚିଗଲାଣି । କିନ୍ତୁ ନଦୀ ସୁରକ୍ଷା ଦିଗରେ ସରକାର କାଣିଚାଏ ବି ଆଗ୍ରହ ଦେଖାଉ ନ ଥିବାରୁ ଇବ୍ ନଦୀର ଏହି ଉପନଦୀ ଏବେ ତା'ର ଅସ୍ତିତ୍ୱ ହରାଇବାକୁ ବସିଲାଣି ।

ଇତିହାସ ପୃଷ୍ଠାକୁ ଦେଖିଲେ ଏହି ନଦୀର ଆୟତନ ଯଥେଷ୍ଟ ଅଧିକ ରହିଥିଲା । ଏପରିକି ନଦୀର ବଣାଇରୁ ନେଇ ଖେରୁଆଲ୍ ମଧ୍ୟରେ ୩୦ରୁ ଅଧିକ ସ୍ଥାନରେ ଫେରି ଡଙ୍ଗାରେ ଯାତ୍ରୀଙ୍କୁ ନିଆ ଅଣା କରାଯାଉଥିଲା । ପୁରୁଣା ପୁସ୍ତକ ଓ ଲୋକକଥା ଅନୁସାରେ, ଖେରୁଆଲରେ ନଦୀର ଗଭୀରତା ୪୦ ଫୁଟ୍ର ଅଧିକ ରହିଥିଲା । କିନ୍ତୁ ୧୯୯୦ ମସିହା ପରଠାରୁ ଲଗାତାର ଭାବେ ଏହି ନଦୀକୁ ହତ୍ୟା କରାଯିବାର ଉଦ୍ୟମ ଜାରି ରହିଛି । ଏପରିକି ନଦୀ କୂଳରେ ଗଢ଼ି ଉଠିଥିବା ଶିଳ୍ପାନୁଷ୍ଠାନଗୁଡ଼ିକ ସେମାନଙ୍କର ବର୍ଜ୍ୟ ନିଷ୍କାସନ ପାଇଁ ନଦୀକୁ ଉତ୍କୃଷ୍ଟ ମାଧମ ଭାବେ ବ୍ୟବହାର କରି ଆସୁଛନ୍ତି । କେଉଁଠି ନଦୀ କୂଳରେ ପାଉଁଶ ପାହାଡ଼ ଛିଡ଼ା କରିଦିଆଯାଇଛି ତ ଆଉ କେଉଁଠି ନଦୀ ଭିତରେ ଏହି କୃତ୍ରିମ ପାହାଡ଼ ସୃଷ୍ଟି କରାଯାଇଛି । ଏପରିକି ୨୦୧୭ ମସିହାରେ କାତିକେଲାଠାରେ ଥିବା ପାଉଁଶ ପୋଖରୀ ଭୁଶୁଡ଼ିଯିବା ଫଳରେ ନଦୀରେ ହଜାର ହଜାର ଟନ୍ର ପାଉଁଶ ଜମା ହୋଇଯାଇଥିଲା । ଏବେ ବି ଶିଳ୍ପାନୁଷ୍ଠାନଗୁଡ଼ିକରୁ ବଡ଼ ବଡ଼ ପାଇପ୍ ଯୋଗେ ଅର୍ଦ୍ଧତରଳ ପାଉଁଶ ସ୍ଲରି ସିଧାସଳଖ ଭେଡ଼େନ ନଦୀକୁ ଛାଡ଼ି ଦିଆଯାଉଛି । ସେପଟେ, ସୁନ୍ଦରଗଡ଼ ଜିଲ୍ଲାରୁ ବାହାରିଥିବା ଏକ ନାଳ ଝାରସୁଗୁଡ଼ାର ସିରିଆପାଲି, କାତିକେଲା, ବୃନ୍ଦାମାଲ ଦେଇ ଇବ୍ ନଦୀରେ ପଡ଼ିଛି । ଏହି ନାଳ ସିରିଆପାଲି ନାଳ ଭାବେ ପରିଚିତ । କିନ୍ତୁ ଏହି ନାଳର କିଛି ଅଂଶ ଏବେ ବେଦାନ୍ତ କମ୍ପାନି ଭିତରେ ରହିଥିବାରୁ ବୃନ୍ଦାମାଲ ପାର୍ଶ୍ୱରେ ନାଳ ବାହାରିବା ବେଳକୁ ତାହା ଅତି ସଙ୍କୁଚିତ ହୋଇଯାଇଛି । ଏପରିକି ସିରିଆପାଲି ଠାରେ ପ୍ରାୟ ୫୦ ମିଟରରୁ ଅଧିକ ଚଉଡ଼ା ଥିବା ଏହି ନାଳ ବୃନ୍ଦାମାଲରେ ପ୍ରାୟ ୫ ଫୁଟ୍ରେ ସୀମିତ ରହିଯାଇଛି । ସେହିଭଳି ଝାରସୁଗୁଡ଼ା ସହରର ସରବାହାଲ ଅଞ୍ଚଳରୁ ବାହାରିଥିବା ଏକ ନାଳ ବଡ଼ମାଳ, କୁକୁରଜଂଘା, ସିଂହାବଗା ଦେଇ ଭେଡ଼େନ ନଦୀରେ ପଡ଼ିଛି । ବର୍ଷାଦିନେ ଏହି ନାଳ ସହରର ଜଳ ନିଷ୍କାସନର ମାର୍ଗ ପାଲଟୁଥିଲା । କିନ୍ତୁ ଏସ୍ଏମ୍ସି ପାୱାର ଜେନେରେସନ୍ ଲିମିଟେଡ୍ ଏକାଧିକ ସ୍ଥାନରେ ଏହି ନାଳକୁ ବ୍ୟବହାର କରିଆସିଛି । କେଉଁଠି ନାଳ ଭିତରେ ପାଇପ୍ଲାଇନ୍ ଯାଇଛି ତ ଆଉ କେଉଁଠି ନାଳକୁ ମଡ଼ାଇ ପାଚେରି ନିର୍ମାଣ କରାଯାଇଛି । ଯାହାକୁ ନେଇ ଏହି ନାଳ ବି ଏବେ ଅନ୍ତିମ ଦିନ ଗଣୁଥିବା ଅଭିଯୋଗ ହେଉଛି । ସେହିଭଳି ନିକଟରେ ବେଦାନ୍ତର କୋଲବ୍ଲକ କାର୍ଯ୍ୟକ୍ଷମ ହେବାକୁ ଥିବା ବେଳେ ଏଥିରୁ କୋଇଲା ଉତ୍ତୋଳନ ହେଲେ ଏହା ଲିଲାରୀ ନାଳ ଉପରେ ମଧ ଯଥେଷ୍ଟ ପ୍ରଭାବ ପକାଇବ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି ତମାମ ଘଟଣାକୁ ନେଇ ଅଭିଯୋଗ ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ମାଳ ମାଳ ତଦନ୍ତ ନିର୍ଦ୍ଦେଶ ଆସିଛି । କିନ୍ତୁ ତାହା ବି ଫାଇଲ୍ର ନାଲିଫିତା ତଳେ ହଜିଯାଇଛି ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

## ‘ଉଡ୍ଡିୟାନ ଗୁରୁ ପଦ୍ମସମ୍ଭବ - ଦ୍ୱିତୀୟ ବୁଦ୍ଧ’ ପୁସ୍ତକ ଉନ୍ମୋଚିତ



ନୂଆଦିଲ୍ଲୀ : ସ୍ଥାନୀୟ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଠାରେ ସ୍ପେସ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ସମାରୋହରେ ପ୍ରବୀର କୁମାର ପଟ୍ଟନାୟକଙ୍କ ଦ୍ୱାରା ରଚିତ ପୁସ୍ତକ ‘ଉଡିୟାନ ଗୁରୁ ପଦ୍ମସମ୍ଭବ’ - ଦ୍ୱିତୀୟ ବୁଦ୍ଧ’ ଉନ୍ମୋଚିତ ହୋଇଯାଇଛି । ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧକ୍ଷ କୁମାର ପ୍ରଶାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଡିନ୍ ଅଫ କଲେଜେସ ପ୍ରଫେସର ବଳରାମ ପାଣି ସମ୍ମାନିତ ଅତିଥି, ପ୍ରଫେସର ମାନବେନ୍ଦ୍ର କିଶୋର ଦାସ, ଭାରତ ସରକାରଙ୍କ ଉତ୍ତର-ପୂର୍ବ ଅଞ୍ଚଳ ବିକାଶ ମନ୍ତ୍ରଣାଳୟର ଯୁଗ୍ମ ସଚିବ ନୀରଜ କୁମାର ଏବଂ ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦର ନିର୍ଦ୍ଦେଶକ ସୁନୀଲ କୁମାର ସିଂହ ବକ୍ତା ଭାବେ ଯୋଗ ଦେଇଥିଲେ । ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ପରେ ବୌଦ୍ଧ କଳା ଇତିହାସ ଏବଂ ସଂସ୍କୃତିରେ ଅବଦାନ ପାଇଁ ଡକ୍ଟର ପ୍ରବୀଣ ପ୍ରକାଶ ଏବଂ ବିନୟ ବହଲଙ୍କୁ ସ୍ପେସ୍ ଇଣ୍ଡିଆର ‘ପ୍ରଥମ ପଦ୍ମସମ୍ଭବ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଥିଲା । ଓଡ଼ିଶାର ଅବିଭକ୍ତ ସମ୍ବଲପୁର ଜିଲାରେ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ସମ୍ପର୍କରେ ପୁସ୍ତକରେ ଦର୍ଶାଯାଇଛି । କାର୍ଯ୍ୟକ୍ରମରେ ସ୍ପେସ୍ ଇଣ୍ଡିଆର ସଭାପତି ଡକ୍ଟର କୁଳଦୀପ ଅଗ୍ରୱାଲ ଅତିଥିମାନଙ୍କୁ ସ୍ୱାଗତ ଏବଂ ସାମ୍ବାଦିକ ଡକ୍ଟର ଭବାନୀ ଶଙ୍କର ଦୀକ୍ଷିତ ପରିଚାଳନା କରିଥିଲେ ।

## ପ୍ରଫେସର ଗଣପତି ପଣ୍ଡାଙ୍କ ୱେବ୍‌ସାଇଟ୍ ଉନ୍ମୋଚିତ



ଭୁବନେଶ୍ୱର : ସିଭି ରମଣ ଗ୍ଲୋବାଲ୍ ବିଶ୍ୱ-ବିଦ୍ୟାଳୟର ପ୍ରଖ୍ୟାତ ଶିକ୍ଷାବିତ୍ ତଥା ଗବେଷକ ପ୍ରଫେସର ଗଣପତି ପଣ୍ଡାଙ୍କ ବୈଜ୍ଞାନିକ ଯାତ୍ରାକୁ ନେଇ ପ୍ରସ୍ତୁତ ୱେବସାଇଟ୍ ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝୀ, ପ୍ରୋ ଭିସି ପ୍ରଫେସର ଡ. ଗୁଡା ଶ୍ରୀଦେବୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । କୋଡ୍‌ଡାଏସ୍ ସଫ୍ଟୱେର ଆଣ୍ଡ୍ ରିସର୍ଚ୍ଚ ପକ୍ଷରୁ ୱେବସାଇଟ୍‌ର ଡିଜାଇନ୍ କରାଯାଇଛି । ଏଥିରେ ପ୍ରଫେସର ପଣ୍ଡାଙ୍କ ଗବେଷଣା ଓ ଉଚ୍ଚ ଶିକ୍ଷା ପ୍ରତି ଅବଦାନ ସମ୍ପର୍କିତ ତଥ୍ୟ ରହିଛି । ପ୍ରଫେସର ପଣ୍ଡା ସିଗ୍ନାଲ୍ ପ୍ରୋସେସିଂ, କୃତ୍ରିମ ବୁଦ୍ଧିମତ୍ତା, ଇଞ୍ଜିନିୟରିଂ ଶିକ୍ଷାରେ ଗବେଷଣା କରିଛନ୍ତି । ଆଇଆଇଟି ଭୁବନେଶ୍ୱର, ଏନ୍‌ଆଇଟି ରାଉରକେଲା ଓ ଏନ୍‌ଆଇଟି ଜାମସେଦପୁରରେ ସେ ନେତୃତ୍ୱ ନେଇଛନ୍ତି । ସେ ୬୫୦ରୁ ଅଧିକ ଗବେଷଣାପତ୍ର ପ୍ରକାଶ କରିଛନ୍ତି ଏବଂ ୧୫ ହଜାରରୁ ଅଧିକ ସାଇଟେସନ୍ ପାଇଛନ୍ତି । ଷ୍ଟାନ୍‌ଫୋର୍ଡ ବିଶ୍ୱ - ବିଦ୍ୟାଳୟର ଶ୍ରେଷ୍ଠ ୨% ବିଶ୍ୱସ୍ତରୀୟ ବୈଜ୍ଞାନିକଙ୍କ ମଧ୍ୟରେ ସେ ସ୍ଥାନ ପାଇଛନ୍ତି ।

## ଭାରତୀ କଳାବିକାଶ କେନ୍ଦ୍ରର କଳାକାର ସମ୍ବର୍ଦ୍ଧିତ



ବୁର୍ଲା :ଭୁବନେଶ୍ୱର ରବୀନ୍ଦ୍ର କଳା ମଣ୍ଡପ ଠାରେ ‘ତ୍ରିଧାରା’ ଅନୁଷ୍ଠାନ ଦ୍ୱାରା ଗୁରୁ ଦେବପ୍ରସାଦ ଦାସଙ୍କ ୩୯ତମ ଶ୍ରଦ୍ଧାଞ୍ଜଳି ଉତ୍ସବ ପାଳିତ ହୋଇଛି । ଏଥିରେ ବୁର୍ଲାସ୍ଥିତ ଭାରତୀ କଳା ବିକାଶ କେନ୍ଦ୍ରର ସମ୍ବଲପୁରୀ ନୃତ୍ୟ ଗୁରୁ ସତ୍ୟବ୍ରତ ସାହୁଙ୍କ ନିର୍ଦ୍ଦେଶନାରେ ଆଠ ଜଣ କଳାକାର ଡାଲଖାଇ ନୃତ୍ୟ ପରିବେଷଣ କରିଛନ୍ତି । ସେମାନଙ୍କ ନିଖୁଣ କଳା ପ୍ରଦର୍ଶନ ଯୋଗୁଁ ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସମ୍ବଦ୍ଧିତ କରିଛନ୍ତି । ସମ୍ବର୍ଦ୍ଧିତ କଳାକାରମାନେ ହେଲେ ନଦ୍ୟାନବେଲୀ ସା, ସିମରନ ସ୍ୱାଇଁ, ଶକ୍ତି ବିଶୋଇ, ନୂପୁର ପ୍ରଧାନ, ସାରା ନନ୍ଦ, ଖୁସୀ ସାହୁ, ଶୁଭଶ୍ରୀ ଜେନା, ରିଦମା ଉଜ୍ଜୟିନୀ ବେହେରା । ରାକ୍ଷୀ ଦୀପ, ପଦ୍ମିନୀ ପ୍ରଧାନ ଓ ରଜନୀକାନ୍ତ ଚିନହାରା ନୃତ୍ୟ ପରିବେଷଣରେ ସହଯୋଗ କରିଥିଲେ ।

## ଶାସନ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ



ସମ୍ବଲପୁର : ଶାସନ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ତାରାବତୀ ବେହେରାଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଛି । କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ କିଶୋର ଛତର ମୁଖ୍ୟଅତିଥି ଏବଂ ପ୍ରକୃତିପ୍ରେମୀ ଶ୍ୟାମ ସୁନ୍ଦର ସେଠ୍, ଭାଲୁବାହାଲ ସେକ୍ସନ ଫରେଷ୍ଟର ସୁନିତା ଗଡ଼ିଆ ଓ ପ୍ରୀତିମୟୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଇକୋ କ୍ଲବ ପ୍ରଭାରୀ ଶିକ୍ଷୟିତ୍ରୀ ପ୍ରଲିତା ପଟ୍ଟନାୟକ ପରିଚାଳନା କରିଥିଲେ । ପ୍ରକୃତି ପ୍ରେମୀ ଶ୍ରୀ ସେଠ୍ ବୃକ୍ଷର ମାହାତ୍ମ୍ୟ ଉପରେ ଏକ କବିତା ଗାନ କରିବାସହ ଚାରାରୋପଣର ଆବଶ୍ୟକତା ଉପରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ଏହାପରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ମିଳିତ ଭାବେ ଚାରାରୋପଣ କରିଥିଲେ ।

## ଓଏସଓୟୁ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ

ସମ୍ବଲପୁର: ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱ-ବିଦ୍ୟାଳୟ (ଓଏସ୍‌ଓୟୁ) ଇକୋ କ୍ୟାସ ଫରେଷ୍ଟ ଶୀର୍ଷକ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ପରିସରରେ ସାମୂହିକ ବୃକ୍ଷରୋପଣ କରାଯାଇଥିଲା । ବିଶ୍ୱ-ବିଦ୍ୟାଳୟ କ୍ୟାମ୍ପସ ପାଇଁ ଦୀର୍ଘକାଳୀନ ପରିବେଶଗତ ଏବଂ ଆର୍ଥିକ ଲାଭକୁ ପ୍ରୋତ୍ସାହିତ କରିବା ପାଇଁ ଏହି ବୃକ୍ଷରୋପଣ ଅଭିଯାନ ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଏସଓୟୁ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, କୁଳସଚିବ ଡକ୍ଟର ଚିତ୍ତରଞ୍ଜନ ସାହୁ, ଅର୍ଥନିୟନ୍ତ୍ରକ ନଳିନୀ ରଞ୍ଜନ ଷଡଙ୍ଗୀ, ଇଞ୍ଜିନିୟର ରାକେଶ ଗୋଏଲ ଏବଂ ଅବସରପ୍ରାପ୍ତ ହିଣ୍ଡାଲକୋ ଅଧିକାରୀ ଇଞ୍ଜିନିୟର ସୁଶାନ୍ତ କୁମାର ଗୁରୁ, ସମ୍ବଲପୁର ରୋଟାରୀ କ୍ଲବର ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ଦେବାଶିଷ ରାୟଗୁରୁ ଏବଂ ସଂଗିତା ଚାନ୍ଦଙ୍କ ସମେତ କର୍ମଚାରୀ ଏବଂ ଅଧାପକମାନେ ଉପସ୍ଥିତ ଥିଲେ । ହିଣ୍ଡାଲକୋ ଦ୍ୱାରା ପ୍ରାୟୋଜିତ ଓଏସଓୟୁ କ୍ୟାମ୍ପସ ଭିତରେ ୧୦୦ଟି ନଡ଼ିଆ ଚାରା ରୋପଣ କରାଯାଇଥିଲା । ଏହି ନୂତନ ଚାରାଗୁଡ଼ିକ କ୍ୟାମ୍ପସର ସବୁଜ ଆବରଣ ଏବଂ ଭବିଷ୍ୟତର ଫଳ ଉତ୍ପାଦନକାରୀ ସମ୍ପଦରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ । ଏହା ପୂର୍ବରୁ ୧୦୦ଟି ଆମ୍ବ ଗଛ ଏବଂ ୫୦ଟି ଗୁଆ ଚାରା ରୋପଣ କରାଯାଇଥିଲା । ଏହି ଗତିକୁ ଆଧାର କରି, ଓଏସଓୟୁ ଇକୋ କ୍ୟାସ ଫରେଷ୍ଟ ଧାରଣା ଅଧୀନରେ ଅଧିକ ଆମ୍ବ ଏବଂ ନଡ଼ିଆ ଗଛ ସହିତ ଆହୁରି ସମ୍ପ୍ରସାରଣ ସହିତ ହରଡା, ବାହାଡା, ଅର୍ଘା,



ଜ୍ୟାକଫ୍ରୁଟ, ଜାମୁ ଗଛ ଲଗାଇବାକୁ ଯୋଜନା କରୁଛି ବୋଲି କୁଳପତି ପ୍ରଫେସର ପଟ୍ଟନାୟକ କହିଛନ୍ତି ।

## ଆଇଆଇଏମ୍‌ରେ ଅନ୍ତର୍ଜାତୀୟ ସମ୍ମିଳନୀ




ସମ୍ବଲପୁର : ଆଇଆଇଏମ ସମ୍ବଲପୁର ପକ୍ଷରୁ ଭାରତୀୟ ସାମାଜିକ ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏସଏସଆର)ର ମିଳିତ ସହଯୋଗରେ ‘ମେଟାଭର୍ସ ବ୍ୟାଙ୍କି ଆଣ୍ଡ ଫାଇନାନ୍ସିଆଲ ଟ୍ରାନ୍ସଫର୍ମେସନ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ମେଟାଭର୍ସ, ୱେବ୩, ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବଂ ବ୍ଲକଚେନ୍ ଭଳି ଉଦୀୟମାନ ବିଷୟଗୁଡ଼ିକ ଉପରେ ଆଲୋଚନା ହୋଇଥିଲା । ମେଟାଭର୍ସ ବ୍ୟାଙ୍କି (ଭର୍ଚୁଆଲ ବ୍ୟାଙ୍କ ଶାଖା ଖୋଲିବା) ଲୋକମାନଙ୍କ ଅର୍ଥିକ ସେବା ଅନୁଭୂତିରେ ଏକ ବୃହତ୍ ପରିବର୍ତ୍ତନ ଆଣିଛି । ସମ୍ମିଳନୀରେ ଏଚସିଏଲ ଟେକ୍ନୋଲୋଜିଜର ଗ୍ଲୋବାଲ ଅପରେସନ୍ସ ଡାଇରେକ୍ଟର-ଡିଜିଟାଲ ବିଜନେସ ଡି. ପ୍ରବୀଣ କେ ଚୌଧୁରୀ, ବୋଷ୍ଟନ କନସଲିଂ ଗ୍ରୁପର ବିସିଜି ଭାଜ୍‌ର ମ୍ୟାନେଜର ସାଗର ବୈଷ୍ଣବୀ, ନୌସେନାର ନ୍ୟାସନାଲ ମାରିଟାଇମ୍ ଫାଉଣ୍ଡେସନ୍‌ର ଅନଗାରି ଆଡଜଙ୍କୁ ଫେଲୋ ଡ. ଆହୁଲ୍ ତ୍ରିପାଠୀ ଓ ମେଲଷ୍ଟାର ଇନଫର୍ମେସନ ଟେକ୍ନୋଲୋଜିସ୍ ଲିମିଟେଡ୍ ଗ୍ରୁପ୍ ସିଆଇଓ ସମରେନ୍ଦ୍ର ମହାନ୍ତି ଅତିଥି ଯୋଗ ଦେଇଥିଲେ । ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଏଥିରେ ଅଧକ୍ଷତା କରିଥିଲେ । ସମ୍ମିଳନୀରେ ‘ଭାରତରେ ମେଟାଭର୍ସ ବ୍ୟାଙ୍କି ଏବଂ ଆର୍ଥିକ ବ୍ୟବସ୍ଥାର ଭବିଷ୍ୟତ’ ଉପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶକୁ ସାଗର ବୈଷ୍ଣବୀ ସଞ୍ଚାଳନ କରିଥିଲେ । କାର୍ଯ୍ୟକ୍ରମରେ ୮୦ରୁ ଅଧିକ ଗବେଷଣା ପ୍ରବନ୍ଧ ସହିତ ୧୦୦ରୁ ଅଧିକ ଅଂଶ ଗ୍ରହଣକାରୀ ଯୋଗ ଦେଇଥିଲେ ।

## ରୋଟାରି କ୍ଲବ ପକ୍ଷରୁ ଆଇଆଇଏମ୍ ପରିସରରେ ବୃକ୍ଷରୋପଣ



ସମ୍ବଲପୁର : ସମ୍ବଲପୁର ରୋଟାରି କ୍ଲବ ପକ୍ଷରୁ ଆଇଆଇଏମ୍ ପରିସରରେ ବୃକ୍ଷରୋପଣ କରାଯାଇଛି । କ୍ଲବ ସଭାପତି ରଶ୍ମି ରଂଜନ ମହାପାତ୍ର, ସମ୍ପାଦକ ଦେବାଶୀଷ ରାୟଗୁରୁ ଏବଂ ପ୍ରକଳ୍ପ ଅଧକ୍ଷା ସଂହିତା ଚାନ୍ଦଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ସମ୍ବଲପୁର ବନଅଧିକାରୀ ଶ୍ରୀ କଲୁଙ୍ଗା ଗୋରେଖ ୱାମନ, ଆଇ-ଆଇଏମର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ମୁଖ୍ୟ ପ୍ରଶାସକ ଅମୃତ ମହାନ୍ତି ଏବଂ ରୋଟାରି କ୍ଲବର ବରିଷ୍ଠ ସଦସ୍ୟ ସୁଶାନ୍ତ କୁମାର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ । ଆଇଆଇଏମ ଅଧିକାରୀ ଇଂ. ଅଞ୍ଜନେୟ ଜାଲ ଏବଂ ଇଂ. ହୃଷିକେଶ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏଥିରେ ୨୧ କିସମର ୧୦୦୦ଟି ଚାରା ରୋପଣ କରାଯାଇଅଛି ।

## ଭିସୁଟ୍‌ରେ ଷ୍ଟାର୍ଟଅପ୍ କନକ୍ଲେଭ୍-୨୦୨୫



ବୁର୍ଲା : ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ଷ୍ଟାର୍ଟଅପ୍ କନକ୍ଲେଭ-୨୦୨୫ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ, କୁଳପତି ପ୍ରଫେସର ଦୀପକ କୁମାର ସାହୁ, ଡିନ୍ ଇନୋଭେସନ୍ ଏବଂ ଇନ୍‌କ୍ୟୁବେସନ୍ ପ୍ରଫେସର୍ ଦେବଦତ୍ତ ମିଶ୍ର, କୁଳସଚିବ ପ୍ରଦୀପ ଡାଙ୍ଗ ଏବଂ ଡିନ୍ ସିଡିସିଏ ପ୍ରଫେସର ଗଣେଶ୍ୱର ନାଥ ପ୍ରମୁଖ ଯୋଗ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ଟିଜେ ଟାୟର୍ସ ସିଇଓ ସମୀର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ତାଙ୍କର ଉଦ୍ୟୋଗୀ ଯାତ୍ରା ବର୍ଣ୍ଣନା କରିଥିଲେ । ବିଶ୍ୱଜିତ ଦାସ ମାତୃଭାଷା ବ୍ଲଗିଂକୁ ପ୍ରୋତ୍ସାହିତ କରିବା ଉପରେ ବକ୍ତବ୍ୟ ରଖିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra